Weekly Multilingual
# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Pages-8 ODIMUL00867 Rs - 5.00
ଭାଗ:୧, ସଂଖ୍ୟା: ୪୩, ଭୁବନେଶ୍ୱର, ସେପ୍ଟେମ୍ବର ୦୯-୧୫, ୨୦୨୪, Vol: 1, Issue: 43, Bhubaneswar, September 09-15, 2024

# ରେଭେନ୍ସା ନାମ ପରିବର୍ତ୍ତନର ପ୍ରସଙ୍ଗରେ ବିତର୍କକୁ ନେଇ ଶୂନ୍ୟକାଳରେ ଶାସକ ବିରୋଧୀ ମୁହାଁମୁହିଁ



ଭୁବନେଶ୍ୱର, : ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନର ପ୍ରସଙ୍ଗରେ ବିତର୍କ କୁ ନେଇ ଶୂନ୍ୟକାଳରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି । ବିଜେଡି ବିଧାୟକ ବ୍ୟୋମକେଶ ରାୟ, ଶାରଦା ଜେନା ତଥା କଂଗ୍ରେସ ବିଧାୟକ ସୋଫିଆ ଫିରଦୌସ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଆକ୍ରମଣ କରିଥିବା ବେଳେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ଓ ଇରାଶିଷ ଆଚାର୍ଯ୍ୟ ବିରୋଧୀ ଦଳ ଉପରେ ଆକ୍ରମଣ କରିବା ଦେଖିବାକୁ ମିଳିଥିଲା । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଥିଲେ ଯେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସଙ୍ଗକୁ ବ୍ୟକ୍ତିଗତ ମତ ବୋଲି କହି ବିତର୍କ ପାଇଁ ଆହ୍ୱାନ କରିଥିଲେ । ଏହି ଶିକ୍ଷାନୁଷ୍ଠାନ ସହିତ ଏଠାରେ ପାଠ ପଢିଥିବା ଲୋକ ମାନଙ୍କର ଭାବାବେଗ ଜଡିତ । ଏହି ଶିକ୍ଷାନୁଷ୍ଠାନ ସ୍ଥାପନା ପରେ ସେତେବେଳର ପୀଢୀର ଲୋକ ମାନେ ରେଭେନ୍ସାଙ୍କ ନାମରେ ଏହି ଶିକ୍ଷାନୁଷ୍ଠାନର ନାମକରଣ କରିଥିଲେ । ତେଣୁ ଆଜି ଏହା ଉପରେ ବିତର୍କ ହେବାର ଆବଶ୍ୟକତା ନାହିଁ । ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ବିବୃତି ଦିଅନ୍ତୁ ବୋଲି ସେ ଦାବି କରିଥିଲେ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ଏହି ପ୍ରସଙ୍ଗରେ କହିଥିଲେ ଯେ କେନ୍ଦ୍ରମନ୍ତ୍ରୀ ଯେଉଁ ବ୍ୟକ୍ତିଗତ ମତ ରେଭେନ୍ସା କୁ ନେଇ ଦେଲେ ତାକୁ ରାଜ୍ୟବାସୀ ଗ୍ରହଣ କରି ନେଇଛନ୍ତି ।ଯିଏ ଦିନେ ରିମୋଟ ରେ ଚାଲୁଥିଲେ ସେ କଣ କହିବେ ରେଭେନ୍ସା କୁ ନେଇ ଅନେକ କଥା ରହିଛି ।ଓଡ଼ିଶାର ଇତିହାସ ମହାନ୍ ।ଅନେକ ବରପୁତ୍ର ଅଛନ୍ତି ।ଆଜି ଓଡିଶା କୁ ଭାରତ ବର୍ଷ ନୁହେଁ ବିଶ୍ୱ ଦରବାର ଯାଉଛନ୍ତି । ଯଦି ଆମ ବରପୁତ୍ରଙ୍କ ନାମରେ ରେଭେନ୍ସା ନାମିତ ହେଲେ ଅସୁବିଧା କେଉଁଠି । ବିତର୍କ ହେବାର ଆବଶ୍ୟକ ରହିଛି । ତାକୁ ନେଇ ରାଜନୀତି କରିବା ଠିକ୍ ନୁହେଁ। ଯିଏ ଆମ ରାଜ୍ୟ ଦେଶକୁ ନିଜ କବଳିତ କରି ଲୁଣ୍ଠନ କରୁଥିଲେ ତାଙ୍କ ନାମ ରହିବା ଦରକାର ନା ଆମ ଗର୍ବ ଓ ଗୌରବ ମାନଙ୍କ ନାମ ରହିବା ଦରକାର ତାକୁ ବିଚାର କରନ୍ତୁ ବୋଲି ଦାବି କଲେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ। ବିଜେଡି ବିଧାୟକ ଶାରଦା ଜେନା କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତି ଗତ ମତ ନଥାଏ ସେ ସରକାର। ନାମ ପରିବର୍ତ୍ତନ ନୁହେଁ ଶିକ୍ଷାର ମାନ ବୃଦ୍ଧି କରାଯାଉ ତାହାଲେ ପିଲାଙ୍କ ଭବିଷ୍ୟ ଗଢି ଉଠିବ। ଛାତ୍ର ଆନ୍ଦୋଳନ ତେଜିଲାଣି ଆଗକୁ ନିଆ ଜଳିବାକୁ ଯାଉଛି ।ତେଣୁ ସରକାର ସେ ଭୁଲ ନ କରନ୍ତୁ ବୋଲି ସେ କହିଥିଲେ । କଂଗ୍ରେସ ବିଧାୟିକା ସୋଫିଆ ଫିରଦୋଷ କହିଥିଲେ ଯେ, ଆପଣ ଏତେ ହାଲକା କରି କେମିତି କହୁଛନ୍ତି ।ଶାସକ ଦଳର ସଦସ୍ୟ ଯେଉଁ ମତ ଦେଉଛନ୍ତି କଣ ତାଙ୍କଦଳର ଆଧିକାରିକ ମତ ବୋଲି ସେ ପ୍ରଶ୍ନ କରିଥିଲେ । ସେ କହିଥିଲେ ଯେ ନା ବଦଳାଇବା ଚକରରେ ଓଡ଼ିଶାରୁ ଶିଳ୍ପ ଚାଲି ଯାଉଛନ୍ତି । ନା ବଦଳାଇବା ହିନ୍ ମାନସିକତା। ଭେଦ ଭାବ କରନ୍ତୁ ନାହିଁ। ଲୋକଙ୍କ ଇମୋସନ୍ ବୁଝନ୍ତୁ ।ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖନ୍ତୁ।





ନୂଆଁଖାଇ ଜୁହାର


FOR EXCLUSIVE WEDDING CARDS
Bandhan
ସୁ-ସମ୍ପର୍କ ଗଢେ
ବନ୍ଧନ
ସୁ-ସମ୍ପର୍କ ଗଢେ
ALL TYPES OF INVITATION CARDS
WE HAVE NO BRANCH
Ph:- 0674-2310196
Mob:- 8260685257
ଏଠାରେ ନିମନ୍ତ୍ରଣ କାର୍ଡ ମିଳେ

ଓଡ଼ିଶାର ଗଣ ପର୍ବ ନୂଆଁଖାଇ ଉପଲକ୍ଷେ ବନ୍ଧନ ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

## ସଂ ପା ଦ କୀ ୟ

# ସାମ୍ପ୍ରଦାୟିକ ହିଂସାର ସୂତ୍ରପାତ

ମଣିପୁର ପରେ ଏବେ ହରିୟାଣାରେ ସାମ୍ପ୍ରଦାୟିକ ଦଙ୍ଗା ଉଗ୍ର ରୂପ ନେଇଛି। ମଣିପୁରରେ ସଂରକ୍ଷଣ ବିବାଦକୁ ନେଇ ଅଣଆଦିବାସୀ ହିନ୍ଦୁ ଓ ଆଦିବାସୀ ଖ୍ରୀଷ୍ଟିଆନ୍‌ଙ୍କ ମଧ୍ୟରେ ଉତେଜନା ଜାରି ରହିଥିବା ବେଳେ ହରିଆଣାରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଦ୍ୱାରା ପ୍ରାୟୋଜିତ ବ୍ରଜମଣ୍ଡଳ ଶୋଭାଯାତ୍ରାକୁ ନେଇ ହିଂସାତ୍ମକ ଘଟଣାମାନ ସୃଷ୍ଟି ହୋଇଛି, ଯେଉଁଥିରେ ଉଭୟ ହିନ୍ଦୁ ଓ ମୁସଲମାନଙ୍କ ସମ୍ପ୍ରଦାୟର ଶତାଧିକ ମୃତାହତ ହୋଇଛନ୍ତି। ମୋନୁ ମାନେସାର ନାମକ ଜଣେ କଟ୍ଟର ଦକ୍ଷିଣପନ୍ଥୀ ଯୁବକ ଜାରି କରିଥିବା ଏକ ଭିଡିଓ ଆଧାରରେ ହରିଆଣାର ନୁହ ଜିଲ୍ଲାରୁ ଆରମ୍ଭ ହୋଇଥିବା ଏହି ହିଂସା ଏବେ ଗୁରୁଗ୍ରାମ ଓ ସୋହନାକୁ ବ୍ୟାପିଛି। ଉଭୟ ମଣିପୁର ଓ ହରିଆଣା ଘଟଣା ଦୁର୍ଭାଗ୍ୟଜନକ ଏବଂ ଜି-୨୦ର ଅଧ୍ୟକ୍ଷତା କରୁଥିବା ଭାରତ ପାଇଁ ଲଜ୍ଜାଜନକ। ଦୀର୍ଘବର୍ଷର ରାଜନୈତିକ ଅବହେଳା, ମୂଳ ଭାରତ ଭୂଖଣ୍ଡରୁ ବିଚ୍ଛିନ୍ନାଞ୍ଚଳ ଭଳି ରହିବା, ସାମାଜିକ ବୈଷମ୍ୟ, ଆର୍ଥିକ ଅନଟନ ଏବଂ ସୀମାପାର ଉଗ୍ରବାଦୀଙ୍କ ପ୍ରାଦୁର୍ଭାବ, ଦୁଇ ମୂଳ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଆଦି ପ୍ରଭାବରେ ମଣିପୁରରେ ହିଂସା ନୂଆ ନୁହେଁ। କିନ୍ତୁ ରାଜଧାନୀ ଦିଲ୍ଲୀର ଦୃଷ୍ଟିବଳୟ ଭିତରେ ସ୍ଥିତ ହରିଆଣାରେ ସୃଷ୍ଟ ବର୍ତମାନର ହିଂସା ସମ୍ପୂର୍ଣ୍ଣ ଭାବେ ଉଦ୍ଦେଶ୍ୟ ପ୍ରଣୋଦିତ ଓ ପରିହାର୍ଯ୍ୟ ଶ୍ରେଣୀଭୁକ୍ତ ବୋଲି କୁହାଯାଇପାରେ। ହରିଆଣା ହିଂସା ପଛରେ ଯେ ସମ୍ପୂର୍ଣ୍ଣ ରୂପେ ସୂଚନା ଜ୍ଞାନକୌଶଳର ଦୁରୁପଯୋଗ ହୋଇଛି ଏହା ସ୍ୱୀକାର କରିବାକୁ ପଡ଼ିବ। ପ୍ରଥମେ ଜାରି କରାଯାଇଥିବା ଜାତିଆଣ ଉତେଜନା ସୃଷ୍ଟିକାରୀ ଭିଡିଓର ପାଲଟା ଜବାବ ରୂପେ ଜାରି କରାଯାଇଥିବା ଭିଡିଓ ଏବଂ ପରସ୍ପର ବିରୋଧରେ ଜାରି କରାଯାଇଥିବା ଏହିପରି ଏକାଧିକ ଭିଡିଓ-ଯୁଦ୍ଧ ଶେଷରେ ଅସ୍ତ୍ରଶସ୍ତ୍ର ଯୁଦ୍ଧର ରୂପ ନେଇଛି। ମାନେସାରଙ୍କ ଭିଡିଓ ବ୍ୟତୀତ ହିନ୍ଦୁବାଦୀ ବିବାଦୀୟ ନେତା ବିଟ୍ଟୁ ବଜରଙ୍ଗୀଙ୍କ ଏକ ଭିଡିଓ, ଗତ ଫେବୃଆରୀ ମାସରେ ମୁସଲିମ୍ ସମ୍ପ୍ରଦାୟର ଚାରିଜଣ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଥିବା ଚାରିଟି ଭିଡିଓ, ମୁସ୍‌ଲିମ୍ ସମ୍ପ୍ରଦାୟ ଦ୍ୱାରା ଏକ ହିନ୍ଦୁ ପରିବାରକୁ ଆକ୍ରମଣ କରାଯାଇଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାରିତ ହୋଇ ଚାପା ଉତେଜନା ସୃଷ୍ଟି ହୋଇଥିଲା। ଏତଦ୍‌ବ୍ୟତୀତ ଆଉ ଏକ ଭିଡିଓରେ ଜଣେ ବ୍ୟକ୍ତି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତିଙ୍କ ହତ୍ୟାକାରୀଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରୁଥିବା ଦେଖାଯାଇଥିଲା। ବ୍ରଜମଣ୍ଡଳ ଯାତ୍ରା ସମୟରେ ଦୀନେଶ ଭାରତୀ ଓ ଭାରତ ମାତା ବାହିନୀ ଦ୍ୱାରା ଆଉ ଏକ ଭିଡିଓ ଜାରି କରାଯାଇଥିଲା, ଯେଉଁଥିରେ ମୁସଲମାନ୍ ଉପାସନା ବିରୋଧୀ ସ୍ଲୋଗାନ୍ ରହିଥିଲା। ଏତଦ୍‌ବ୍ୟତୀତ ଉଭୟ ସମ୍ପ୍ରଦାୟର ମୌଳବାଦୀ ନେତାଙ୍କ ଦ୍ୱାରା ଜାରି କରାଯାଇଥିବା ପରସ୍ପର ବିରୋଧୀ ଭିଡିଓ ଏହି ହିଂସାକୁ ଉସକେଇ ଥିଲା। ମଣିପୁର ଏବଂ ହରିଆଣାର ହିଂସା ପଛରେ ଯେଉଁ ସାମଞ୍ଜସ୍ୟ ରହିଛି, ସେଥିମଧ୍ୟରୁ ଗୋଟିଏ ହେଉଛି ଅଶିକ୍ଷା, ଦାରିଦ୍ର୍ୟ, ଅସେଚତନତା ଓ ବିକାଶରେ ଅବହେଳା। ହରିଆଣାରେ ବର୍ତମାନର ହିଂସା ଜନ୍ମ ନେଇଥିବା ନୁହ ଜିଲ୍ଲା ଉତର ଭାରତର ସବୁଠାରୁ ପଛୁଆ ଜିଲ୍ଲା ଭାବେ କୁଖ୍ୟାତି ଅର୍ଜନ କରିଛି। ଏଠାରେ ନିରକ୍ଷର, ନିଯୁକ୍ତି, ରୋଜଗାର, ବାଲ୍ୟବିବାହ, ଅପୁଷ୍ଟି, ସ୍ୱାସ୍ଥ୍ୟଗତ ଆଦି ସମସ୍ୟା ଉଦ୍‌ବେଗଜନକ। କୋଭିଡ୍ ମହାମାରୀରେ ହରିଆଣାରେ ଯେତିକି ଲୋକଙ୍କ ମୃତ୍ୟୁ ଘଟିଥିଲା ତାହାର ଏକ-ଚତୁର୍ଥାଂଶ ଥିଲା ନୁହ ଜିଲ୍ଲାର। ଏହି ଜିଲ୍ଲାରେ ରାଜ୍ୟର ସର୍ବାଧିକ ମୁସଲିମ୍ ବସବାସ କରନ୍ତି। ହରିଆଣାର ସବୁଠାରୁ ଅଧିକ ଅପରାଧପ୍ରବଣ ଜିଲ୍ଲା ଭାବେ ମଧ୍ୟ ନୁହ ଅପଖ୍ୟାତି ଅର୍ଜିଛି। ହରିଆଣାରେ ହେଉଥିବା ଗୋଚାଲାଣର ଦୁଇ-ତୃତୀୟାଂଶ ନୁହ ଜିଲ୍ଲାରେ ସଂଘଟିତ ହୁଏ। ଅପରପକ୍ଷରେ ଗୋରକ୍ଷକ ବାହିନୀର ଆପତିଜନକ କାର୍ଯ୍ୟକଳାପ ମଧ୍ୟ ଏଠାରେ ଅଧିକ ଦେଖିବାକୁ ମିଳେ। ଏତଦ୍‌ବ୍ୟତୀତ ବିଗତ କିଛିବର୍ଷ ଧରି ନୁହ ସାଇବର ଅପରାଧର ପେଣ୍ଠ ସ୍ଥଳ ମଧ୍ୟ ହୋଇଆସିଥିବା ପୁଲିସ ଓ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋରୁ ସୂଚନା ମିଳିଛି। ମଣିପୁର ଓ ନୁହ ଜିଲ୍ଲା ଦଙ୍ଗା ପଛରେ ଥିବା ଅନ୍ୟତମ ସାମଞ୍ଜସ୍ୟ ହେଉଛି ପୁଲିସ ପ୍ରଶାସନର ଗତାନୁଗତିକ ଅବହେଳା। ଜିଲ୍ଲାରେ ଏତେ ପରିମାଣର ଅପରାଧ ଘଟୁଥିବାବେଳେ ପୁଲିସର ନିଷ୍କ୍ରିୟତା ଅପରାଧୀମାନଙ୍କୁ ଅଧିକ ଉତ୍ସାହିତ କରୁଛି। ବିଶେଷକରି ନୁହ ଦଙ୍ଗାରେ ଅତ୍ୟାଧୁନିକ ରାଇଫଲ୍ ଓ ମାରଣାସ୍ତ୍ରର ବ୍ୟବହାର ପ୍ରଶାସନକୁ ଚକିତ କରିଛି। ସାମ୍ପ୍ରଦାୟିକ ହିଂସା ଯଦି ରାଜନୈତିକ ରୂପ ନିଏ ତେବେ ପରିସ୍ଥିତି ଆହୁରି ବିଗିଡ଼ି ଯିବ। ଏବେ ସମୟ ବଦଳୁଛି। ସଚେତନ ଲୋକେ ଜାତି ଓ ସମ୍ପ୍ରଦାୟକୁ ନେଇ ହିଂସା ଓ ଉତେଜନା ବଦଳରେ ଜୀବନଶୈଳୀକୁ ଉନ୍ନତ କରିବା ପାଇଁ ପ୍ରତିଯୋଗିତାକୁ ଓହ୍ଲାଇଛନ୍ତି।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟ୍‌ସଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ବକୁଳ ବନରେ ଶ୍ରୀରାଧା



ଡକ୍ଟର ଅଭିମନ୍ୟୁ ବରାଳ

ଶ୍ରୀରାଧିକା ବଦନ - ପଙ୍କଜ ଷଟ୍‌ପଦସ୍ତ୍ୱଂ, ଶ୍ରୀରାଧିକା ବଦନ - ଚନ୍ଦ୍ର ଚକୋର ରୂପଃ
ଶ୍ରୀରାଧିକା ହୃଦୟ ସୁନ୍ଦର ଚନ୍ଦ୍ର ହାରଃ, ଶ୍ରୀରାଧିକା ମଧୁଲତା କୁସୁମାକରୋଽସି ॥
(ଗର୍ଗ ସଂହିତା)

ବୃଷଭାନୁ ରାଜ ନନ୍ଦିନୀ ନିକୁଞ୍ଜ କୁଞ୍ଜେଶ୍ୱରୀ ମହାଭାବମୟୀ ରାଧାରାଣୀ ଭାରତୀୟ ଜନଜୀବନକୁ ଏଭଳି ଆଚ୍ଛାଦିତ କରିଛନ୍ତି ଯେ, ଆବାଳ-ବୃଦ୍ଧବନୀତା ସମସ୍ତଙ୍କର ପରମ ପ୍ରିୟ ନାମଟି ଶ୍ରୀରାଧା। 'ରାଧା'କୁ ବିଲୋମ କଲେ ହେବ 'ଧାରା'। ଅର୍ଥାତ୍ ଯେଉଁ ନାମ ଶ୍ରବଣ ଓ ଉଚ୍ଚାରଣ ମାତ୍ରେ ଭକ୍ତିର ଅବିରଳ ମଧୁ ଧାରା ସ୍ୱତଃ ନିର୍ଗତ ହୋଇଥାଏ। ଭଗବାନ ଶ୍ରୀକୃଷ୍ଣଙ୍କର ସେ ହେଉଛନ୍ତି ହ୍ଲାଦିନୀ ଶକ୍ତି। ରାଧା ବିନା କୃଷ୍ଣ ଅପୂର୍ଣ୍ଣ। 'ରାଧା ବିନା କୃଷ୍ଣ ଆଧା'। ରାଧା ପ୍ରେମର ଯଥାର୍ଥ ମଧୁରିମାକୁ ଆସ୍ୱାଦନ କରିବା ପାଇଁ ପ୍ରଭୁ ଶ୍ରୀକୃଷ୍ଣ ପ୍ରେମ ପୁରୁଷୋତ୍ତମ ଶ୍ରୀଚୈତନ୍ୟ ଭାବରେ ଧରାଧାମରେ ଅବତୀର୍ଣ୍ଣ ହୋଇ ରାଧାକୃଷ୍ଣଙ୍କର ମିଳିତ ବିଗ୍ରହରେ ଲୀଳା କରିଥିଲେ। ତେଣୁ ସ୍କନ୍ଦ ପୁରାଣରେ କୁହାଯାଇଛି-
ଅନ୍ତ କୃଷ୍ଣଃ ବାହ୍ୟ ଗୌର ସାଙ୍ଗପାଙ୍ଗସ୍ତ୍ର ପାର୍ଶଦ।
ଶଚୀ ଗୃହେ ସମୁତ୍‌ପୁୟଂ ମାୟା ମାନୁଷ କର୍ମକୃତ୍ ॥
ଏହି ମର୍ମରେ ପ୍ରଭାସ ଯଜ୍ଞ କାବ୍ୟରେ କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ କହିଛନ୍ତି -
କିଦେଖି ରାଧିକା ତୁମେ ହୋଇଗଲ ବାଇ,
ତମାଳ କମଳ ନୀରଦରେ ମୋତେ ପାଇ,
ଏ ଜୀବନେ ତୁମ ଋଣ ଶୁଝି ନପାରିଲି,
ତୁମ ପ୍ରେମ ମାଧୁରିମା ଚାଖି ନପାରିଲି,
ଜନ୍ମି ନବ ଦ୍ୱୀପ ଧାମେ,
ତୁମ୍ଭ ଲୀଳା ଆଚରିବି ଶ୍ରୀଚୈତନ୍ୟ ନାମେ।

କଳି ଯୁଗରେ ଶ୍ରୀକୃଷ୍ଣ ଶ୍ରୀଧାମ ବୃନ୍ଦାବନକୁ ତ୍ୟାଗ କରି ମଞ୍ଜୁ ଛୁରୀଅନା କୁଞ୍ଜ ବିହାରିଣୀ ପୂତନୀରା ରତ୍ନଚିରା ତଟିନୀ ତଟରେ ବକୁଳ ଛୁରୀଅନା କୁଞ୍ଜକୁ ବୃନ୍ଦାବନର ସମସ୍ତ ଗୌରବ ପ୍ରଦାନ କରି ସ୍ୱୟଂ ବିରାଜମାନ କଲେ। ବୃନ୍ଦାବନର ସକଳ ଶିରୀକୁ ଧାରଣ କରିଛି ସତେ ଯେପରି ଏହି ବକୁଳ କାନନ। ତେଣୁ ଏହା ଗୁପ୍ତ ବୃନ୍ଦାବନ ଭାବରେ ସର୍ବତ୍ର ପରିଚିତ। ଏଠାରେ ରତ୍ନଚିରା ଯମୁନାର ଭ୍ରମ ସୃଷ୍ଟି କରୁଥିବା ବେଳେ ରାଧାକୁଣ୍ଡ ଓ ଶ୍ୟାମକୁଣ୍ଡ ନାମରେ ଦୁଇଟି ଦିବ୍ୟ ପୁଷ୍କରିଣୀ ରହିଅଛି। ଗିରିରାଜ ଗୋବର୍ଦ୍ଧନ ଭାବରେ ଶୋଭା ପାଉଛି ଡାହାଣଶ୍ୱରଙ୍କ ଅତ୍ୟୁଚ୍ଚ ଭୂମି। ସତ୍ୟବାଦୀର ଅନତୀ ଦୂରରେ ଡାହାଣ ଗ୍ରାମରେ ଏହା ଅବସ୍ଥିତ। ଉକ୍ତ ଗ୍ରାମର ଗ୍ରାମବାସୀମାନେ ଗିରି ଗୋବର୍ଦ୍ଧନ ପୂଜା ଏବେ ମଧ୍ୟ ପାଳନ କରୁଛନ୍ତି। ରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମ ଲୀଳାର ସଂଯୋଗ କାରିଣୀ ଦେବୀ ପୌର୍ଣ୍ଣମାସୀ ଭାବରେ ଅଳଗୁମର ଅଧିଷ୍ଠାତ୍ରୀ ମା'ଜାଗୁଳେଇ ଏବେ ମଧ୍ୟ ବିଦ୍ୟମାନା। କଦମ୍ବ, ବକୁଳ, ରସାଳ, ତମାଳଦି ବହୁବିଧ ତରୁଲତା ଦ୍ୱାରା ସୁଶୋଭିତ ରମ୍ୟ କାନନ ବକୁଳ ଛୁରୀଅନା ବନ। ଏହାଯେ ଶ୍ରୀକୃଷ୍ଣଙ୍କର ଦିବ୍ୟ ଲୀଳା ସ୍ଥଳୀ ଗୁପ୍ତ ବୃନ୍ଦାବନ- ଏଥିରେ କେହି ଦ୍ୱିମତ ନୁହଁନ୍ତି।

ଶ୍ରୀ ଶ୍ରୀ ଗୋପାଳ ସତ୍ୟବାଦୀରେ ବିଜେ କରିବାର ପୃଷ୍ଠ ଭୂମିରେ ଏକ କାହାଣୀ କିମ୍ବଦନ୍ତୀ ରହିଛି। କାହାଣୀର ଐତିହାସିକ ସତ୍ୟତା ଥାଉ କି ନଥାଉ ଲୋକ ବିଶ୍ୱାସରେ ଏହା ସଦାସର୍ବଦା ଉଜ୍ଜୀବିତ। ଏକଦା ଦାକ୍ଷିଣାତ୍ୟର ଦୁଇଜଣ ବିପ୍ର ତୀର୍ଥାଟନ ପାଇଁ ଯାଇ ଶ୍ରୀଧାମ ବୃନ୍ଦାବନରେ ପହଞ୍ଚିଲେ। ଦୁଇଜଣ ବ୍ରାହ୍ମଣଙ୍କ ମଧ୍ୟରୁ ଜଣେ ଥିଲେ ଯୁବକ ଓ ଅନ୍ୟଜଣକ ବୟସ୍କ ବୃଦ୍ଧ। କୌଣସି କାରଣରୁ ବୃଦ୍ଧ ବ୍ରାହ୍ମଣ ଅତ୍ୟନ୍ତ ଅସୁସ୍ଥ ହୋଇପଡିଲେ। ଯୁବ ବିପ୍ରର ସେବା ଯତ୍ନରେ ସେ କ୍ରମଶଃ ସୁସ୍ଥ ହେଲେ। ଯୁବକର ସେବା ଶୁଶ୍ରୂଷାରେ ପ୍ରୀତ ହୋଇ ବୃଦ୍ଧ ଶ୍ରୀ ବୃନ୍ଦାବନ ବିହାରୀଙ୍କ ମନ୍ଦିରରେ ଯୁବକକୁ ନିଜର ଏକମାତ୍ର କନ୍ୟା ଦାନ କରିବାର ସଂକଳ୍ପ କଲେ। କିନ୍ତୁ ସ୍ୱଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବା ପରେ ବୃଦ୍ଧ ବ୍ରାହ୍ମଣ ସ୍ୱୀୟ ସଂକଳ୍ପକୁ ଭୁଲିଯାଇ କନ୍ୟାଦାନ କଥାକୁ ଅସ୍ୱୀକାର କଲେ। ଏ କଥାଟି ରାଜାଙ୍କ ନିକଟକୁ ଗଲା। ରାଜା ଏ ସଂକଳ୍ପର କିଏ ସାକ୍ଷୀ ଅଛି ବୋଲି ପଚାରିବାରୁ ଯୁବକ ଶ୍ରୀ ବୃନ୍ଦାବନ ବିହାରୀ ସ୍ୱୟଂ ଗୋପାଳ ସାକ୍ଷୀ ଅଛନ୍ତି ବୋଲି କହିଲେ। ରାଜା ଗୋପାଳଙ୍କୁ ଏଠାରେ ଆସି ସାକ୍ଷ ଦେବା ପାଇଁ ନିର୍ଦ୍ଦେଶ ଦେଲେ। ରାଜାଙ୍କ ଆଦେଶରେ ଯୁବକ ବୃନ୍ଦାବନ ଯାଇ ଶ୍ରୀଗୋପାଳଙ୍କ ଚରଣ ତଳେ ନିଜର ଦୁଃଖ ବେଦନାକୁ ବ୍ୟକ୍ତ କଲେ। ଗୋପାଳ ଯୁବକ କଥାରେ ଏକମତ ହୋଇ ସାକ୍ଷ ଦେବାକୁ ସାଙ୍ଗରେ ଯିବା ପାଇଁ ଅଙ୍ଗିକାର କଲେ - କିନ୍ତୁ ଗୋଟିଏ ସର୍ତ୍ତରେ। ତାହା ହେଲା ଯୁବକ ବିପ୍ର ଆଗେ ଆଗେ ଯିବେ ଏବଂ ଠାକୁର ପଛେ ପଛେ ଯାତ୍ରା କରିବେ। ମାତ୍ର ଯୁବକ ପଛକୁ ଚାହିଁବ ନାହିଁ। ଯଦି ଚାହିଁ ଦିଏ ତେବେ ଶ୍ରୀଗୋପାଳ ସେହିଠାରେ ହିଁ ପାଷାଣ ହୋଇଯିବେ। ଠାକୁରଙ୍କ ଉପସ୍ଥିତି ଜାଣିବା ପାଇଁ ଗୋପାଳଙ୍କ ପଦର ନୂପୁର ଧ୍ୱନିକୁ ଶୁଣି ଶୁଣି ଅଗ୍ରସର ହେବାକୁ ହେବ। କିନ୍ତୁ କାବେରୀ ନଦୀ ପା'ର ହେବା ସମୟରେ ପାଣିରେ ପଶିବା ଦ୍ୱାରା ନୂପୁର ଧ୍ୱନୀ ଶୁଭିଲା ନାହିଁ। ଗୋପାଳ ରହିଗଲେ ଭାବି ବିପ୍ର ପଛକୁ ଚାହିଁଦେଲା ଏବଂ ତତ୍‌କ୍ଷଣାତ୍ ଶ୍ରୀଗୋପାଳ ପାଷାଣ ହୋଇଗଲେ। ଯୁବକ ବିପ୍ରର ଅନୁରୋଧ କ୍ରମେ କାଞ୍ଚି ରାଜା ଏ ଘଟଣା ସ୍ୱଚକ୍ଷୁରେ ଦେଖିଲେ ଏବଂ ଗୋପାଳଙ୍କ ଶୂନ୍ୟ ବାଣୀ ଦ୍ୱାରା ସତ୍ୟସତ୍ୟ ଉପଲବ୍ଧୀ କଲେ। ଯୁବକ ବିପ୍ରକୁ ବୃଦ୍ଧ ବ୍ରାହ୍ମଣର କନ୍ୟାଦାନ କରାଇଲେ। ଶ୍ରୀଗୋପାଳଙ୍କ ଦିବ୍ୟ ବିଗ୍ରହକୁ କାଞ୍ଚି ରାଜା ନେଇ ନିଜ ରାଜଧାନୀରେ ପ୍ରତିଷ୍ଠା କରାଇଲେ। ପରବର୍ତ୍ତି କାଳରେ ଓଡିଶାର ଗଜପତି ମହାରାଜ ପୁରୁଷୋତ୍ତମ ଦେବ କାଞ୍ଚି-କାବେରୀ ଯୁଦ୍ଧରେ କାଞ୍ଚିରାଜ ଶାଳ୍ୱ ନରସିଂହଙ୍କୁ ପରାସ୍ତ କରି କାଞ୍ଚି ରାଜକନ୍ୟା ପଦ୍ମାବତୀଙ୍କ ସହିତ ସାକ୍ଷୀଗୋପାଳ ମୂର୍ତ୍ତିକୁ ଓଡିଶାକୁ ଆଣିଥିଲେ। ଶ୍ରୀ ସାକ୍ଷୀଗୋପାଳଙ୍କୁ ନାନା ସ୍ଥାନରେ ରଖିବା ପରେ ସଂପ୍ରତି ସତ୍ୟବାଦୀ ବକୁଳ ବନରେ ସାକ୍ଷୀଗୋପାଳ ପୂଜିତ ହେଉଛନ୍ତି। ତେଣୁ ଜଣେ କବି କହିଛନ୍ତି -
"ସାକ୍ଷୀ ଦେବାକୁ ଗୋପାଳ ତୁମେ
ଆସିଯେ ଥିଲ ଦିନେ।
ସାକ୍ଷୀଗୋପାଳ ହୋଇ ରହିଲ
ଏହି ବକୁଳ ବନେ।"

ସାକ୍ଷୀ ବ୍ୟାଜରେ ଶ୍ରୀଗୋପାଳ ବକୁଳ ବନରେ ସାକ୍ଷୀଗୋପାଳ ଭାବେ ରହିଗଲେ। ବିରହ ବିଧୁର ଶ୍ରୀକୃଷ୍ଣ ରାଧା ବିରହ ବେଦନା ମର୍ମେ ମର୍ମେ ଅନୁଭବ କଲେ। ଶ୍ରୀରାଧାଙ୍କ ସାମାନ୍ୟ ବିରହରେ ଶ୍ରୀକୃଷ୍ଣଙ୍କ ହୃଦୟ ବ୍ୟାକୁଳ ହେଉଥିଲା। ଶ୍ରୀକୃଷ୍ଣଙ୍କ ବିରହ ବର୍ଣ୍ଣନା କରିବାକୁ ଯାଇ ପରମ ବୈଷ୍ଣବ କବି ଅଭିମନ୍ୟୁ କହିଛନ୍ତି -
କୀଣି ପୁଣି ଗୁଣମଣି କଲାତ ନିରାଶ।
ଏଭାବ ଭାବନା ସିନା ଦେଉଛି ପରାଶ।
ଦୁତିଗୋ କହିବୁ ଧନୀକି।
ପରିଜନ ଦୀନ ହେଲେ କାହାକୁ ହାନିକି।

ଶ୍ରୀରାଧାଙ୍କ ପଦ ପଲ୍ଲବ ମୁଦାରକୁ ଯେ ଶିରରେ ଧାରଣ କରି ଧନ୍ୟ ମନେ କରୁଥିଲେ, ସେହି ଅପ୍ରାକୃତ ପ୍ରେମର ପୂଜାରୀ ଶ୍ରୀକୃଷ୍ଣ ବୃନ୍ଦାବନର ଲୀଳାକୁ ଏଠାରେ ସଂରଚନା କଲେ। ଗୋପାଳଙ୍କ ମୁଖ୍ୟ ପୂଜକ ବଡପଣ୍ଡା ଶ୍ରୀ ବେଲେଶ୍ୱର ମହାପାତ୍ରଙ୍କର ଏକମାତ୍ର କନ୍ୟା ଲକ୍ଷ୍ମୀଙ୍କ ସହିତ ତାଙ୍କର ଅପ୍ରାକୃତ ପ୍ରେମ ଲୀଳା ଆରମ୍ଭ କରିଦେଲେ। କାରଣ ଦ୍ୱିଜ କନ୍ୟା ଲକ୍ଷ୍ମୀ ଶ୍ରୀରାଧାଙ୍କ ଅଂଶରେ ଜନ୍ମଗ୍ରହଣ କରିଥିଲେ। ଶୟନ କକ୍ଷରୁ ଆରମ୍ଭ କରି ବକୁଳମୂଳ, ତମାଳ ତଳ ତଥା ରତ୍ନଚିରା ତଟାଟବୀ ପର୍ଯ୍ୟନ୍ତ ସର୍ବତ୍ର ଲକ୍ଷ୍ମୀଙ୍କ ସହିତ ଗୋପାଳଙ୍କର ଯାମିନୀ କାଳରେ ବାରମ୍ବାର ମିଳନ ହେଲା। ଏ ରହସ୍ୟ କିନ୍ତୁ ବେଶି ଦିନ ଛପି ରହିଲା ନାହିଁ। କ୍ରମଶଃ ଏକଥା ପ୍ରଘଟ ହେବାକୁ ଲାଗିଲା। ଲକ୍ଷ୍ମୀଙ୍କୁ ସାହି ପଡିଶାର ଲୋକମାନେ ନାନା କଟୁ କଥା କହିଲେ। କିନ୍ତୁ ଯେ, ପ୍ରେମ ଚିନ୍ତାମଣିଙ୍କ ପ୍ରେମରେ ନିମଗ୍ନ ସେ ଲୋକଙ୍କ କଥା କାହିଁକି ଶୁଣିବ - କାହିଁକି ଭାବିବ? ଠିକ୍ ଗୋପରେ ରାଧାରାଣୀ ଲୋକାପବାଦକୁ ଶ୍ରବଣ କରି ଯାହା କହୁଥିଲେ ତାହାକୁ ବିଦଗ୍ଧ କବି କମନୀୟ ଢଙ୍ଗରେ ବର୍ଣ୍ଣନା କରିଛନ୍ତି।
ହେଉ ଦୂଷଣ ଘୋଷଣ ହେଲେ ହେଉ ପଛେ ଘୋର କଷଣ ଗୋ,
ମୁଁତ ପିନ୍ଧିଲି ନିନ୍ଦା ଭୂଷଣ ସଜନୀ ଗୋ।
ତା ନାମ ଗାଇ ତୁଣ୍ଡରେ ପ୍ରେମ ଡମ୍ବରୁ ବଜାଇ ଦାଣ୍ଡରେ ଗୋ,
ଭିକ୍ଷା ମାଗୁଥିବି ବ୍ରହ୍ମାଣ୍ଡରେ ସଜନୀ ଗୋ।

ଶେଷରେ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଅଷ୍ଟଧାତୁ ନିର୍ମିତ ମୂର୍ତ୍ତି ନିର୍ମାଣ କରାଯାଇ ଗୋପାଳଙ୍କ ବାମ ଭାଗରେ ସିଂହାସନରେ ସଂସ୍ଥାପିତ କରାଗଲା। ଆଶ୍ଚର୍ଯ୍ୟର କଥା ଶ୍ରୀରାଧାଙ୍କୁ ଜୀବନ୍ୟାସ ଦେବା ସଙ୍ଗେ ସଙ୍ଗେ ଲକ୍ଷ୍ମୀଙ୍କ ମର ଦେହରୁ ପ୍ରାଣବାୟୁ ଉଡିଗଲା। ସେହି ଦ୍ୱିଜ କନ୍ୟା ଲକ୍ଷ୍ମୀ ଏବେ ବକୁଳ ବନରେ ଶ୍ରୀରାଧା ଭାବରେ ପୂଜିତା। ଫୁଲ ଅଳସାର ସେବକ ସାହିରେ ଲକ୍ଷ୍ମୀ ଜନ୍ମ ଗ୍ରହଣ କରିଥିବା ହେତୁ ଉକ୍ତ ଅଞ୍ଚଳକୁ ଭକ୍ତମାନେ ଶ୍ରଦ୍ଧାରେ ବର୍ଷଣା ବୋଲି କହିଥାନ୍ତି। କାରଣ ରାଧାରାଣୀଙ୍କ ଜନ୍ମସ୍ଥାନର ନାମ 'ବର୍ଷଣା'। ରାଧାରାଣୀ ବର୍ଷଣା ବିହାରିଣୀ-ବର୍ଷଣା ବାଲୀ।

କାର୍ତ୍ତିକ ଶୁକ୍ଳ ନବମୀ ଠାରୁ ଏକାଦଶୀ ପର୍ଯ୍ୟନ୍ତ ଦୀର୍ଘ ତିନି ଦିନ ବ୍ୟାପି ସତ୍ୟବାଦୀରେ ମହା ମହୋତ୍ସବ ଅନୁଷ୍ଠିତ ହୁଏ। କାର୍ତ୍ତିକ ଶୁକ୍ଳ ନବମୀକୁ ଅଁଳା ନବମୀ କୁହାଯାଏ। ଉକ୍ତ ଦିନ ଶ୍ରୀରାଧାଙ୍କର ପଦ ଦର୍ଶନ କରିବାର ଅପୂର୍ବ ସୌଭାଗ୍ୟ ସମସ୍ତେ ଲାଭ କରନ୍ତି। ବର୍ଷସାରା ରାଧାରାଣୀଙ୍କ ଶ୍ରୀପଦ ବସ୍ତ୍ରାଚ୍ଛାଦିତ ହୋଇଥାଏ। ଅଁଳା ନବମୀ ଦିନ ସେହି ପଦର ବସ୍ତ୍ରକୁ ସାମାନ୍ୟ ଉନ୍ମୁକ୍ତ କରି ଭକ୍ତମାନେ ଶ୍ରୀରାଧାଙ୍କ ଶ୍ରୀପଦକୁ ଦର୍ଶନ କରିଥାନ୍ତି। ଶ୍ରୀରାଧାଙ୍କ ପଦ ଦର୍ଶନ ସଂପର୍କରେ ଅନେକ ପୌରଣିକ କାହାଣୀ ରହିଥିଲେ ହେଁ - ଗୋଟିଏ ସାର୍ବଜନୀନ କାହାଣୀ ଏଠାରେ ଉଲ୍ଲେଖ କରୁଛି। ଯାହାକି ଓଡିଶାର ଗୌରବକୁ ଉଦ୍‌ଘୋଷଣା କରିଥାଏ। ରାଧାରାଣୀ ପ୍ରତ୍ୟହ ବଙ୍ଗାଳୁଣୀ ବେଶ ହୋଇଥାନ୍ତି। କିନ୍ତୁ ଅଁଳା ନବମୀ ଦିନ ବର୍ଷକେ ଥରେ ମାତ୍ର ଓଡିଆଣୀ ବେଶ ହୁଅନ୍ତି। ଓଡିଆଣୀ ବେଶର ବିଶେଷତ୍ୱ ହେଲା - କାଣିଆଁ କଛା ମାରି ଶାଢୀ ପରିଧାନ କରିବାକୁ ହୋଇଥାଏ। କଛା ମାରିଦେଲେ ପାଦ ଉପର ଶାଢୀ ଗୋଇଠି ଉପରକୁ ଉଠିଆସେ। ଫଳରେ ପାଦ ଦେଖାଯାଇଥାଏ। ଓଡିଶୀ ନୃତ୍ୟାଙ୍ଗନା ମାନେ ଯେଭଳି ବସ୍ତ୍ର ପରିଧାନ କରନ୍ତି ତାହା ଓଡିଆଣୀ ବେଶ। ଠିକ୍ ସେହିଭଳି ଢଙ୍ଗରେ ରାଧାରାଣୀ ବେଶ ହୁଅନ୍ତି। ପୁନଶ୍ଚ କୁହାଯାଏ ରାଧାରାଣୀଙ୍କ ଅଷ୍ଟଧାତୁ ନିର୍ମିତ ବିଗ୍ରହରେ ଉକ୍ତ ଦିନ ପ୍ରାଣ ପ୍ରତିଷ୍ଠା କରାଯାଇ ଥିଲା ଓ ଦ୍ୱିଜ କନ୍ୟା ଲକ୍ଷ୍ମୀଙ୍କର ମହାପ୍ରୟାଣ ହୋଇଥିଲା। ଉକ୍ତଦିନ ରାଧାରାଣୀଙ୍କର ସେହି ପଦକୁ ସ୍ପର୍ଶ କଲେ ଜୀବନ୍ତ ପଦର ଅନୁଭୂତି ହୋଇଥାଏ। ଏହା ଅନୁଭବ ସାପେକ୍ଷ। ଅଁଳା ନବମୀ ପର ଦିନ ଅର୍ଥାତ୍ ଦଶମୀ ଦିନ ଶରଦ୍ରାସାଧିବାସ ହୁଏ। ଉକ୍ତ ଦିନ ପ୍ରଭୁ ବ୍ରଜେନ୍ଦ୍ର ନନ୍ଦନ ବ୍ରଜ ସୁନ୍ଦରୀ ମାନଙ୍କ ସହିତ ବୃନ୍ଦାବନରେ ରାସଲୀଳାରମ୍ଭ କରିଥିଲେ। ତେଣୁ ଭାଗବତରେ କୁହାଯାଇଛି -
ଭଗବାନପିତାରାତ୍ରୀ ଶରଦୋତ୍‌ଫୁଲ୍ଲ ମଲ୍ଲିକା।
ବିକ୍ଷରନ୍ତୁ ମନଶ୍ଚକ୍ରେ ଯୋଗମାୟା ମୁପାଶ୍ରିତଃ ॥
ଓଡିଆ ଭାଗବତରେ ଅତିବଡୀ ଜଗନ୍ନାଥ ଦାସ ମଧ୍ୟ କହିଛନ୍ତି -
ଗୋବିନ୍ଦ ବିଚାରନ୍ତି ମନେ। ଆଜ ରମିବା ବୃନ୍ଦାବନେ ॥
ଷୋଳ ସହସ୍ର ବ୍ରଜନାରୀ। ମୋତେ ବରିଲେ ତପକରି ॥
ମୁଁ ତାଙ୍କ ପୂରାଇବି ଆସ। ସେ ମୋର ଭକତ ବିଶ୍ୱାସ ॥

ରାସଲୀଳାକୁ କନ୍ଦର୍ପ ବିଜୟର ଲୀଳା କୁହାଯାଏ। ବ୍ରଜସୁନ୍ଦରୀ ମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ଗୋଟିଏ ବ୍ରହ୍ମରାତ୍ରୀ ପର୍ଯ୍ୟନ୍ତ ମହାରାସ ଲୀଳାରେ ପ୍ରବୃତ୍ତ ଥିଲେ। ବୃନ୍ଦାବନ ସଦୃଶ ସତ୍ୟବାଦୀରେ ମଧ୍ୟ ଏହି ସ୍ମୃତି ସୁସ୍ପଷ୍ଟ। ନିସ୍ତବ୍ଧ ରଜନୀରେ କେହି ଭାଗ୍ୟବାନ ବ୍ୟକ୍ତି ମନ୍ଦିର ମଧ୍ୟରୁ ଭାସି ଆସୁଥିବା ମୃଦୁ ନୂପୁର ନିକ୍ୱଣ ସହିତ ମଧୁର ସଂଗୀତର ଧ୍ୱନି ଶୁଣିବାର ସୌଭାଗ୍ୟ ଲାଭ କରିଥାନ୍ତି। ଏହିଭଳି ଅନେକ ଗୁପ୍ତ ରହସ୍ୟ ଗୁପ୍ତ ବୃନ୍ଦାବନରେ ରହିଅଛି। ଏକାଦଶୀ ଦିନ ଅଗଣିତ ଭକ୍ତ ରାଧାକୃଷ୍ଣଙ୍କୁ ଦର୍ଶନ କରି କୃତାର୍ଥ ହୁଅନ୍ତି। ସତ୍ୟବାଦୀର ପ୍ରସିଦ୍ଧ ଚୁଡାଘଷା ଭୋଗ ଦେଇ ଉକ୍ତ ଦିନ ଓଡିଆ କୃତକୃତ୍ୟ ହୁଏ। କାରଣ ଏହି ଚୁଡାଘଷା ବୃନ୍ଦାବନରେ ମିଳେ ନାହିଁ। ଏହା ଓଡିଆର ପ୍ରିୟ ତଥା ନିଜସ୍ୱ ପ୍ରସ୍ତୁତି। ଓଡିଆର ପ୍ରିୟ ଖାଦ୍ୟ ପଖାଳ ରାଧାକୃଷ୍ଣଙ୍କୁ ମଣୋହି କରି ଓଡିଆତ୍ୱକୁ ପ୍ରତିପାଦନ କରିଛି। ଯାହା ଚୁଡା ପଖାଳ ଭୋଗ ଭାବରେ ଏବେ ମଧ୍ୟ ପ୍ରଚଳିତ। ଏହି ପବିତ୍ର ଅବସରରେ ରାଧାରାଣୀ ଓ ଗୋପାଳଙ୍କୁ ପ୍ରଣିପାତ ପୂର୍ବକ ଜଗତର କଲ୍ୟାଣ କାମନା କରୁଛି। ଭକ୍ତି ପ୍ରଦାୟିନୀ ରାଧାରାଣୀ ସମସ୍ତଙ୍କୁ କୃଷ୍ଣଭକ୍ତି ପ୍ରଦାନ କରନ୍ତୁ।

*॥ ଜୟ ଶ୍ରୀରାଧେ ॥*

*ବର୍ଷଣା ବିହାର, ମନ୍ଦିର ମାର୍ଗ,*
*ସାକ୍ଷୀଗୋପାଳ, ପୁରୀ*

# ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାର ଆବଶ୍ୟକତା ନାହିଁ: ଶରଦ ପାୱାର

ମୁମ୍ବାଇ, : ଚଳିତ ବର୍ଷ ଶେଷରେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ସେପଟେ ଏନସିପି (ଶରଦ ପାୱାର ଦଳ) ସଭାପତି ତଥା ବରିଷ୍ଠ ନେତା ଶରଦ ପାୱାର କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାର ମହାବିକାଶ ଅଘାଡି (ଏମଭିଏ) ର କେ ?ଣସି ଆବଶ୍ୟକତା ନାହିଁ। ପାୱାର କହିଛନ୍ତି ଯେ ଗ୍ରାଣ୍ଡ ଆଲାଇନ୍ସ କେବଳ ସାମୂହିକ ନେତୃତ୍ୱରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଶିବସେନା (ଉଦ୍ଧବ ଦଳ) ସିଏମ୍ ପଦବୀ ପାଇଁ ଉଦ୍ଧବ ଠାକରେଙ୍କ ନାମ ଆଣିବାକୁ ଦାବି କରୁଛନ୍ତି। ତେବେ ପାୱାର ସ୍ପଷ୍ଟ ଭାବେ କହିଛନ୍ତି ଯେ ନିର୍ବାଚନରେ ମେଣ୍ଟର ସହଯୋଗୀ ଦଳଙ୍କର ଜିତିବା ଆସନ ଉପରେ ମିଳିତ ମଞ୍ଚର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ତାହା ନିର୍ଭର କରିବ। ପାୱାର କହିଛନ୍ତି ଯେ ନିର୍ବାଚନ ପୂର୍ବରୁ



ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାରେ କୌଣସି ଅସୁବିଧା ନାହିଁ। ଏ ବିଷୟରେ ଚିନ୍ତା କରିବାର ମଧ୍ୟ ଆବଶ୍ୟକତା ନାହିଁ। ନିର୍ବାଚନ ପରବର୍ତ୍ତୀ ଫଳାଫଳ ଆଧାରରେ ସବୁକିଛି ସ୍ଥିର ହେବ। ନିର୍ବାଚନ ପୂର୍ବରୁ ଏହି ପ୍ରକାରର ଚିନ୍ତା କରିବାର ଆବଶ୍ୟକତା ନାହିଁ। ସେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଦାବି କରିବା ଜରୁରୀ ନାହିଁ। ଆମେ ସମସ୍ତେ ଏକାଠି ବସି ଲୋକଙ୍କ ସହଯୋଗରେ ଏକ ସ୍ଥିର ସରକାର ଗଠନ କରିବୁ। ସୂଚନାଯୋଗ୍ୟ, ମହାରାଷ୍ଟ୍ରରେ କଂଗ୍ରେସ, ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି) ଏବଂ ଏନସିପି (ଶରଦ ପାୱାର ଦଳ) ହେଉଛି ମହାବିକାଶ ଅଘାଡି (ଏମଭିଏ) ମେଣ୍ଟର ସହଯୋଗୀ ଦଳ। ମହାରାଷ୍ଟ୍ରରେ ଏମଭିଏ ବିଜେପି, ଏକନାଥ ସିନ୍ଦେଙ୍କ ଶିବସେନା ଏବଂ ଅଜିତ ପାୱାରଙ୍କ ଏନସିପି ମେଣ୍ଟ ଶାସକ ଦଳ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଚଳିତ ବର୍ଷ ନଭେମ୍ବର ୨୬ରେ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ଅକ୍ଟୋବର-ନଭେମ୍ବରରେ ରାଜ୍ୟରେ ୨୮୮ ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଗତ ନିର୍ବାଚନରେ ବିଜେପି ୧୦୫ ଟି ଆସନ, ଶିବସେନା ୫୬, ଏନସିପି ୫୪ ଏବଂ କଂଗ୍ରେସ ୪୪ଟି ଆସନ ପାଇଥିଲା। ତେବେ ନିର୍ବାଚନ ପରେ ଶିବସେନା ଏନଡିଏରୁ ଅଲଗା ହୋଇ ଏନସିପି ଏବଂ କଂଗ୍ରେସ ସହିତ ସରକାର ଗଠନ କରିଥିଲା। ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଜୁନ୍ ୨୦୨୨ରେ, ଶିବସେନାରେ ଆଭ୍ୟନ୍ତରୀଣ ମତଭେଦ ହୋଇଥିଲା, ତାପରେ ଏକନାଥ ସିନ୍ଦେ ଦଳରୁ ୪୦ଜଣ ବିଧାୟକଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରିଥିଲେ। ସେମାନଙ୍କ ସମର୍ଥନରେ ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବର୍ତ୍ତମାନ ଶିବସେନା ଦୁଇଟି ଦଳରେ ବିଭକ୍ତ ହୋଇଛି ଏବଂ ଶରଦ ପାୱାରଙ୍କ ଏନସିପି ମଧ୍ୟ ଦୁଇଟି ଦଳରେ ବିଭକ୍ତ ହୋଇଛି। ଗୋଟିଏ ଶରଦ ପାୱାର ଦଳ ଏବଂ ଅନ୍ୟଟି ଅଜିତ ପାୱାର ଦଳ। ନିକଟରେ ଶରଦ ପାୱାର ଦାବି କରିଥିଲେ ଏମଭିଏ ଚଳିତ ବର୍ଷ ମହାରାଷ୍ଟ୍ରରେ ହେବାକୁ ଥିବା ନିର୍ବାଚନରେ ୨୨୫ ଟି ଆସନ ଜିତିବ। ମହାରାଷ୍ଟ୍ରର ୪୮ଟି ଲୋକସଭା ଆସନ ପାଇଁ ବିଜେପି, ଶିବସେନା (ସିନ୍ଦେ ଦଳ) ଏବଂ ଅଜିତ ପାୱାରଙ୍କ ଏନସିପି ମିଳିତ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ, ୨୦୧୯ ତୁଳନାରେ, ଏଥର ମହାରାଷ୍ଟ୍ରରେ ଏନଡିଏ ଏକ ବଡ଼ କ୍ଷତି ସହିଛି। ଏହି ତିନି ଦଳ ମିଳିତ ଭାବେ ମାତ୍ର ୧୯ ଟି ଆସନ ଜିତିଥିଲେ। ଯେଉଁଥିରେ ବିଜେପି ଏବଂ ଶିବସେନା (ସିନ୍ଦେ ଦଳ) ପ୍ରତ୍ୟେକ ୯ ଟି ଏବଂ ଅଜିତ ପାୱାରଙ୍କ ଏନସିପି ଗୋଟିଏ ଆସନ ଜିତିଥିଲା।

# ଧାରା ୩୭୦କୁ ଆଉ ଫେରିବାକୁ ଦେବୁ ନାହିଁ : ଅମିତ ଶାହା

ଜମ୍ମୁ, : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ବିଜେପିର ଇସ୍ତାହାର ଜାରି କରିଛନ୍ତି। ଏଥିରେ ଜମ୍ମୁ ଓ କଶ୍ମୀର ଲୋକମାନଙ୍କ ପାଇଁ ଅନେକ ପ୍ରକାରର ପ୍ରତଶ୍ରୁତି ପ୍ରଦାନ କରାଯାଇଛି । ପ୍ରତି ପରିବାରର ବରିଷ୍ଠ ମହିଳାଙ୍କୁ ବର୍ଷକୁ ୧୮ ହଜାର ଟଙ୍କା ଦିଆଯିବ । ଏହା ସହିତ ମହିଳା ଏସଏଚଜି ମାନଙ୍କୁ ସହଜ ଋଣ ପ୍ରଦାନ କରାଯିବ । ୫ ଲକ୍ଷ ରୋଜଗାର ସୁଯୋଗ ସୃଷ୍ଟି କରାଯିବ । ଜମ୍ମୁ ଓ କଶ୍ମୀରରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରାଯିବ । ଏହି



ସମୟରେ ସେ ନ୍ୟାସନାଲ କନଫରେନ୍ସର ଇସ୍ତାହାର ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ସେ କହିଛନ୍ତି, ' ଧାରା ୩୭୦ ଲାଗୁ ନେଇ ନ୍ୟାସନାଲ କନଫରେନ୍ସ ନିଜ ଇସ୍ତାହାରରେ ଘୋଷଣା କରିଛି । କଂଗ୍ରେସ ଏ ନେଇ ନୀରବ ରହିଛି । କିନ୍ତୁ ଧାରା ୩୭୦ ଏବେ ଇତିହାସ ପାଲଟିଛି, ଏହା କେବେ ବି ଫେରିପାରିବ ନାହିଁ ଏବଂ ଆମେ ଏପରି କରାଇଦେବୁ ନାହିଁ । 'ଶାହ କହିଛନ୍ତି ଯେ ଧାରା ୩୭୦ ହେଉଛି ଏକ ଲିଙ୍କ୍ ଯାହା ଯୁବପିଢ଼ିଙ୍କୁ ବିକାଶ ପରିବର୍ତ୍ତେ ଆତଙ୍କବାଦ ଆଡ଼କୁ ଠେଲି ଦେଉଥିଲା। ଜମ୍ମୁ-କଶ୍ମୀରରେ ଶିକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ସଂରକ୍ଷଣ ଜରୁରୀ ଥିଲା।

# ୨୦୨୫ରେ ଲାଗୁ ହେବ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା: ମନ୍ତ୍ରୀ

ଭୁବନେଶ୍ୱର, : ୨୦୨୫ରୁ ରାଜ୍ୟରେ ଲାଗୁ ହେବ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରୀଙ୍କୁ ମିଳିବ ବାର୍ଷିକ ୫ ହଜାର ଟଙ୍କା । କ୍ୟାବିନେଟର ନିଷ୍ପତ୍ତି ନେଇ ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର ଏହି ସୂଚନା ଦେଇଛନ୍ତି। ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୧୫୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନାରେ ୩ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବେ । ଅଷ୍ଟମରୁ ନବମ ଓ ଦଶମରୁ ଉତ୍ତୀର୍ଣ୍ଣ ହୋଇ ଏକାଦଶ ଶ୍ରେଣୀକୁ ଯାଇଥିବା ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୫ ହଜାର ଟଙ୍କା ମିଳିବ । ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଡ୍ରପ ଆଉଟ ରୋକିବାକୁ ମୋହନ ସରକାର ଏହି ନୂଆ ଯୋଜନା କାର୍ଯ୍ୟକାରୀ କରିବେ।ଅନ୍ୟପକ୍ଷେ ଗୃହରେ ରାଜ୍ୟରେ ବଜ୍ରପାତ ମୃତ୍ୟୁକୁ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶା ଦେଶରେ ବଜ୍ରପାତ ମୃତ୍ୟୁକୁ ନେଇ ଆଗରେ ରହିଛି। ଗତ ୫ ବର୍ଷରେ ୧୧୦୩ ଜଣଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିବା ସୂଚନା ମଳିଛି। ଉତ୍ତରପ୍ରଦେଶ ଭଳି ବଡ଼ ରାଜ୍ୟ ହୋଇ ବି ସେଠାରେ ବଜ୍ରପାତ ଜନିତ ମୃତ୍ୟୁ ଗତ ୫ ବର୍ଷରେ ମାତ୍ର ୫୪୨ । ସୁନ୍ଦରଗଡ଼,



କେନ୍ଦୁଝର ଓ ବାଲେଶ୍ୱରରେ ଅନ୍ୟ ଜିଲା ତୁଳାନାରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ଅଧିକ ରହିଛି ।ଗବେଷଣା ଅନୁଯାୟୀ ଓଡ଼ିଶାରେ ଖଣିଜ ପଦାର୍ଥ ଭରପୂର ଥିବାରୁ ବଜ୍ରପାତ ଅଧିକ ହେଉଛି । ଆଜି ଯାଏ କୌଣସି ଜ୍ଞାନ କୌଶଳ ଆସି ନାହିଁ ଯେ, ନିର୍ଦ୍ଦିଷ୍ଟ କେଉଁ ସ୍ଥାନରେ ବଜ୍ରପାତ ହେବ। ଗତ ୫ ବର୍ଷରେ ଝାରସୁଗୁଡ଼ାରେ ୭୨ ଓ ବଲାଙ୍ଗୀରରେ ୫୫ ଜଣଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ବଜ୍ରପାତ ଜନିତ ମୃତ୍ୟୁ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେଉଛନ୍ତି ସରକାର । ବଜ୍ରପାତ ପ୍ରସଙ୍ଗରେ ଗୃହରେ ଏହି ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

# ସେପ୍ଟେମ୍ବର ସୁଦ୍ଧା ହିତାଧିକାରୀଙ୍କୁ ମିଳିବ ନୂଆ ରାସନ କାର୍ଡ: ମନ୍ତ୍ରୀ

ଭୁବନେଶ୍ୱର : ସେପ୍ଟେମ୍ବର ସୁଦ୍ଧା ହିତାଧିକାରୀଙ୍କୁ ନୂଆ ମିଳିବ ନୂଆ ରାସନ କାର୍ଡ । ବିଧାନସଭା ଅଧିବେଶନ ଚାଲିଥିବା ବେଳେ ଗୃହରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏଭଳି ସୂଚନା ଦେଇଛନ୍ତି । ଈ-କଣଉ ଯାଞ୍ଚ ଚାଲିଛି, ନୂଆ କାର୍ଡ ପାଇଁ ଆବେଦନ ଜାରି ରହିଛି । ଏସରକାର କଣଉ ଲାଗୁ କରୁଛନ୍ତି, ଯାହା ଦ୍ୱାରା ଅଯୋଗ୍ୟଙ୍କ ନାଁ କଟିଯିବ ଯୋଗ୍ୟ ହିତାଧତକାରୀ ଏହି ସୁବିଧା ପାଇବେ। ପୂର୍ବରୁ ରାଜ୍ୟରେ ୧୬ ଲକ୍ଷ ୨୭ ହଜାର ୯୩୨ ଭୂତ ରାଶନ କାର୍ଡଧାରୀ ଚିହ୍ନଟ ହୋଇଥିଲେ। ବିଧାୟକ ଦୁର୍ଗା ପ୍ରସାଦ ନାୟକଙ୍କ ପ୍ରଶ୍ନରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ଦେଇ ଏହି ସୂଚନା ଦେଇଥିଲେ। ୬ ଲକ୍ଷ ୧୯ ହଜାର ୮୩୬ ରାଶନ କାର୍ଡ ପାଇଁ ଆବେଦନ କରିଛନ୍ତି। କୌଣସି କାରଣରୁ ରାଶନ କାର୍ଡ କଟିଥିଲେ ପୁଣି ଆବେଦନ କରିପାରିବେ। ସରକାର କଣଉ ଲାଗୁ କରୁଛନ୍ତି, ଯାହା ଦ୍ୱାରା ଅଯୋଗ୍ୟଙ୍କ ନାଁ କଟିଯିବ ବୋଲି ମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ପାଇଁ ୩.୨୫ କୋଟି ଲୋକଙ୍କୁ ସାମିଲ କରାଯାଇଛି। କେନ୍ଦ୍ର ସରକାର ଏହାର କୋଟା ବଢ଼ାଉନାହାନ୍ତି। ଅନ୍ୟପକ୍ଷରେ ବିଜେଡି ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ



ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରାଯାଇଛି।

# ବିଜେଡି ମହିଳା ମାନଙ୍କ ସ୍ୱର ହୋଇ ରହିଛି ଓ ରହିବ : ନବୀନ

ଭୁବନେଶ୍ୱର, : ମିଛ ବିଜେପିର ସବୁଠାରୁ ବଡ଼ ପରିଚୟ । ମିଛ ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି । ତେଣୁ ବିଜେପିର ମିଛକୁ ଏକ୍ସପୋଜ କରିବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି । ଆଜି ଶଙ୍ଖ ଭବନରେ ଆୟୋଜିତ ବିଜୁ ମହିଳା ଜନତା ଦଳର ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଓ ରାଜ୍ୟ ନେତୃବୃନ୍ଦକୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ନିର୍ବାଚନ ବେଳେ ସାରା ଦେଶରୁ ବିଜେପିର ବଡ଼ ବଡ଼ ନେତା ଓଡିଶା ଆସିଲେ ହାତୀ ଦେବୁ ଘୋଡା ଦେବୁ କହିଲେ କିନ୍ତୁ କାମରେ ଶୂନ । ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ବିଜେପି ସୁଭଦ୍ରା ଯୋଜନାରେ ଦୁଇ ବର୍ଷରେ ସବୁ ମାଆଙ୍କୁ ପଚାଶ ହଜାର ଟଙ୍କା ଦେବ ବୋଲି କହିଥିଲେ । କିନ୍ତୁ ଏବେ ଅଳ୍ପ କିଛି ମା ମାନଙ୍କୁ ସୁଭଦ୍ରା



ଯୋଜନାରେ ଛଅ ମାସରେ ଦେବେ ମାତ୍ର ପାଂଚ ହଜାର ଟଙ୍କା । ସେହିପରି ୩୦୦ ୟୁନିଟ ମାଗଣା ବିଜୁଳି ମଧ୍ୟ ମିଛ । ମା ମାନଙ୍କ ବିଶ୍ୱାସ ସହ ସାଧାରଣ ଲୋକଙ୍କ ବିଶ୍ୱାସ ସହ ବିଜେପି ଖେଳିବା ଉଚିତ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ରାଜ୍ୟର ପ୍ରତି ଘରେ ଘରେ ବିଜେପିର ମିଛକୁ ଏକ୍ସପୋଜ କରାଯିବା ଦରକାର । ସାରା ଦେଶରେ ମହିଳା ମାନଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ଘଟଣାରେ ଚିନ୍ତା ପ୍ରକଟ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆମ ସଂସ୍କୃତିରେ ମା ମାନଙ୍କୁ ଆମେ ଦେବୀ ଭାବରେ ପୂଜା କରୁ । ତେଣୁ ମା ମାନଙ୍କ ଉପରେ ଅତ୍ୟାଚାର ଇଶ୍ୱରଙ୍କ ସହ ଦ୍ରୋହ , ମାନବିକତା ବିରୁଦ୍ଧରେ ଦ୍ରୋହ ଭାବେ ଶ୍ରୀ ପଟ୍ଟନାୟକ ବର୍ଣ୍ଣନା କରିଥିଲେ ଏବଂ ଏଭଳି ଅପରାଧୀଙ୍କୁ କଠୋର ରୁ କଠୋରତମ ଦଣ୍ଡ ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

# ୪ ଦଫା ଦାବିରେ ଓଡିଶା ଜୀବିକା ମିଶନ ଇସି ସଂଘର ଆନ୍ଦୋଳନ




ଜଗତସିଂହପୁର : ଜଗତସିଂହପୁର ଜିଲ୍ଲାରେ ମିଶନ ଶକ୍ତି ଜୀବିକା ମିଶନର ଇସି ମାନଙ୍କ ବିଭିନ୍ନ ଦାବିକୁ ନେଇ ଆଜି ବିଶାଳ ଆନ୍ଦୋଳନ କରାଯାଇଛି । ଭାରତୀୟ ମଜଦୂର ସଂଘ ଦ୍ୱାରା ମିଶନ ଶକ୍ତି ଇସି ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟଶରେ ଜିଲ୍ଲାପାଳଙ୍କ ଜରିଆରେ ୪ ଦଫା ଦାବି ପତ୍ର ଉପସ୍ଥାପନ କରିଛନ୍ତି । ଦାବି ଗୁଡିକ ମଧ୍ୟରେ ମିଶନଶକ୍ତି ଜୀବିକା, ମିଶନ ଇସି ମାନଙ୍କର ୨ ବର୍ଷରେ ରିଷ୍ଟକଚରିଂ ବ୍ୟବସ୍ଥାକୁ ପ୍ରତ୍ୟାହାର କରାଇବା, ଭତ୍ତା ବୃଦ୍ଧି ଓ ସ୍କିମି ୱ୍ୱାର୍କର ମାନ୍ୟତା ଦାବି କରିଥିଲେ । ଏତଦଭିନ୍ନ ସହରାଞ୍ଚଳରେ କାର୍ଯ୍ୟରତ ଇସି ମାନଙ୍କ ସମେତ ସମସ୍ତଙ୍କୁ କୁଶଳ ଶ୍ରମିକର ସର୍ବନିମ୍ନ ମଜୁରୀ ପ୍ରଦାନ, ସମସ୍ତ ପ୍ରକାର ସାମାଜିକ ନିରାପତ୍ତା ପ୍ରଦାନ ସହିତ ସେମାନଙ୍କୁ ପ୍ରଦାନ କରାଯାଇଥିବା ସ୍କୁଟି ଗୁଡିକର କିସ୍ତି ଗୁଡ଼ିକର ପ୍ରଦାନ କରିବା ସମ୍ପର୍କରେ ସରକାର ବିଚାର କରିବା ପାଇଁ ଦାବି କରାଯାଇଛି । ଉକ୍ତ ଦାବିପତ୍ରର ନକଲ ବିଭାଗୀୟ ମନ୍ତ୍ରୀ ଓ ମିଶନ ଶକ୍ତି ସଚିବଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂଘ ସଭାନେତ୍ରୀ ଯୋଗମାୟା ନନ୍ଦ ଓ ସମ୍ପାଦିକା ଦୀପ୍ତି ବାରିକଙ୍କ ସହିତ ଶହ ଶହ କର୍ମୀ ସାମିଲ ହୋଇଥିଲେ ।

# ଭଟଲିରେ ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ କ୍ରୀଡା ମନ୍ତ୍ରୀଙ୍କୁ ଦାବି ଜଣାଇଲେ ଇରାସିସ ଆଚାର୍ଯ୍ୟ

ଭଟଲି, : ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଦିନେ କ୍ରୀଡା କ୍ଷେତ୍ରରେ ବହୁତ ନାମ ରଖିଥିଲା । ଏହି ଅଞ୍ଚଳରୁ ବହୁ ଖେଳାଳି ରାଜ୍ୟସ୍ତରୀୟ ପ୍ରତିଯୋଗିତା ରେ ଅଂଶଗ୍ରହଣ ପୂର୍ବକ ରାଜ୍ୟ ସ୍ତରରେ ଭଟଲି ର ଛାପ ଛାଡ଼ି ପାରୁଥିଲେ । ମାତ୍ର ତାହା ବର୍ତ୍ତମାନ ପରିସ୍ଥିତିରେ ଆଉ ଦେଖିବାକୁ ମିଳୁନି । ପୂର୍ବେ କିଛି ରୟତି ସୀମାରେ ଖେଳ ପଡିଆ ନିର୍ମାଣ କରି ଅଞ୍ଚଳ ର କ୍ରୀଡା ବିତ୍ ନିଜ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରୁଥିଲେ । ଏହିପରି ଭାବେ ଅନେକ ବର୍ଷ ବିତି ଯାଇଥିବାବେଳେ ପରେ ଶ୍ୟାମ ବିହାରୀ ମନ୍ଦିର ସଂଲଗ୍ନ ଖାଲି ସ୍ଥାନ ଓ ତା ପରେ ଉଚ୍ଚ ବିଦ୍ୟାଳୟ ପରିସରରେ ରହିଥିବା ଛୋଟ ଖେଳ ପଡିଆ ରେ ଖେଳାଳି ମାନେ କ୍ରିଡ଼ାଭ୍ୟାସ କରୁଥିଲେ । ଏପରିକି ପୂର୍ବରୁ ଭଟଲି ବହୁତ ବଡ଼ ବଡ଼ ନାମକରା କ୍ରିକେଟ ଦଳ ମାନଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାବେଳେ ଅନେକ ଖେଳାଳି କ୍ରିକେଟ ପାଇଁ ରାଜ୍ୟସ୍ତର କୁ ଯାଇ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି । ମାତ୍ର ଏବେ ଆଉ ସେସବୁ ପ୍ରତିଭା ଦେଖିବାକୁ ମିଳୁ ନାହାନ୍ତି । ଏଥିପାଇଁ ଭଟଲି



ବିଧାୟକ ଇରାସିସ ଆଚାର୍ଯ୍ୟ ଦୁଃଖ ପ୍ରକାଶ କରି ଗୁରୁବାର ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ଭଟଲି ରେ ଏକ ମିନି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏହା ହେଲେ ଭଟଲି ଅଞ୍ଚଳରେ ଥିବା ଅନେକ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ପ୍ରକୃତ ଭିତ୍ତିଭୂମି ପାଇ ପାରିବେ ଓ ନିଜର କ୍ରୀଡା ପ୍ରତିଭାକୁ ବିକଶିତ କରି ପାରିବେ ବୋଲି ସେ ପ୍ରକାଶ କରିଛନ୍ତି । ତେଣୁ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉନ୍ନତ ମାନର ମିନି ଷ୍ଟାଡିୟମ ନିର୍ମାଣ ପାଇଁ ପାଣ୍ଠିର ବ୍ୟବସ୍ଥା କଲେ ଅଞ୍ଚଳର ଛାତ୍ର ଛାତ୍ରୀ ଉପକୃତ ହୋଇପାରିବେ ବୋଲି ବିଧାୟକ ଦାବି କରିଛନ୍ତି । ତାଙ୍କର ଏଭଳି ଉଦ୍ୟମକୁ ଭଟଲି କ୍ରୀଡା ସଂଘ ତଥା ଅଞ୍ଚଳ ବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି ।

# ଆଠ ନମ୍ବର ୱାର୍ଡର ରାସ୍ତା ପାଲଟିଛି ମରଣଯନ୍ତା

ଜଟଣୀ , : ଜଟଣୀ ପୌର ପରିଷଦ ଅନ୍ତର୍ଗତ ୮ନମ୍ବର ୱାର୍ଡ଼ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ସାମନାରେ ଟିକିଏ ବର୍ଷାରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହେଉଛି । ରାସ୍ତାରେ ଯାଉଥିବା ଜନ ସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୁଇ ଚକିଆ ଯାନ ଯାତ୍ରୀ ଦୁର୍ଘଟଣାର ଶୀକାର ହେଉଛନ୍ତି । କାହାର ଗୋଡ ଭାଙ୍ଗୁଛିତ କାହାର ମୁଣ୍ଡ ଫାଟୁଛି । ୱାର୍ଡବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପୌର ଅଧିକାରୀ ରାସ୍ତା ମରାମତି କରିବାର ନାଁ ନେଉ ନାହାନ୍ତି । ଦୁର୍ନୀତିରେ ବୁଡ଼ି ରହିଥିବା



ଯନ୍ତ୍ରୀ ମଧ୍ୟ କିଛି ଦେଖୁ ନାହାନ୍ତି । ତୁରନ୍ତ ଜଗନ୍ନାଥ ମନ୍ଦିର ସମ୍ମୁଖ ରାସ୍ତା ମରାମତି ପାଇଁ ପୌରାଧକ୍ଷ ଦୃଷ୍ଟି ଦେବାକୁ ଜନ ସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

# ବେଆଇନ ରାସ୍ତା ଅବରୋଧ ୫ହଜାର ଟଙ୍କା ଜୋରିମାନା

ଜୟପୁର, : ବେଆଇନ ଭାବେ ରାସ୍ତା ଅବରୋଧ କରିବା ଅଭିଯୋଗରେ ଜୋରିମାନା ଆଦାୟ କଲା ଜୟପୁର ପୌର ପାଳିକା । ଜୟପୁର ପୌରାଞ୍ଚଳର ପାର୍କ ଲାଇନରେ ରାସ୍ତା ଅବରୋଧ କରି ଘର ନିର୍ମାଣ ସାମଗ୍ରୀ ରଖିବା ସହ ଛାତ ପକାଯାଉଥିଲା । ଫଳରେ ସାଧାରଣ ଜନତା ହଣରାଣ ହେଉଥିବା ପୌର ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ପରେ ପୌର ପାଳିକା ତରଫରୁ ଚଢାଉ କରି ୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବିଷୟ ଜୟପୁର ପୌର ନିବାହୀ



ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୁଚନା ଦେଇଛନ୍ତି ।

# ନଛିମପୁର ଗ୍ରାମପଞ୍ଚାୟତର ପଞ୍ଚାୟତ ଅଫିସ୍ ଗୃହକୁ ଭଙ୍ଗା ଯାଇ ନୂତନ ଭାବେ ନବକଳେବର କରିବା ପ୍ରୟାସ

ଜଳେଶ୍ୱର, : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ନଛିମପୁର ଗ୍ରାମପଞ୍ଚାୟତ ପଞ୍ଚାୟତ ଅଫିସ ୨୦୦୧ ମସିହାରେ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ନିର୍ମାଣ କରାଯାଇଥିଲା । ଉକ୍ତ ଅଫିସ ଗୃହର ତଳ ଫାଉଣ୍ଡେସନ ଅତି ଦୟନୀୟ ଅବସ୍ଥାରେ ଥାଇ ମଧ୍ୟ ୨୦୦୬ ମସିହାରେ ନିର୍ବାଚିତ ହୋଇ ଆସିଥିବା ପ୍ରତିନିଧିଙ୍କ ନେତୃତ୍ୱରେ ପଞ୍ଚାୟତ ଅଫିସ୍? ଉପରେ ୨ୟ ମହଲା ଗୃହ ନିର୍ମାଣ କରାଯାଉଥିଲା । କିନ୍ତୁ ଉକ୍ତ ପଞ୍ଚାୟତ ଅଫିସଟିକୁ ନୂତନ ଭାବେ ଗଢି ତୋଳିବା ପାଇଁ ନିର୍ବାଚିତ ପ୍ରତିନିଧି ବିଡ଼ିଓଙ୍କୁ ପତ୍ର ଲେଖି ବହୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା । ବର୍ତ୍ତମାନ ନବନିର୍ବାଚିତ ପ୍ରତିନିଧିମାନେ ପୁଣି ଅତ୍ୟନ୍ତ



ଦୟନୀୟ ଅବସ୍ଥାରେ ରହିଥିବା ପଞ୍ଚାୟତ ଅଫିସଟିକୁ ନୂତନ ଭାବେ ଗଢି ତୋଳିବା ପାଇଁ ସ୍ଥିର କରିଥିଲେ । ତେଣୁ ଜଳେଶ୍ୱର ବିଡ଼ିଓ ପୁନମ ରାଉତଙ୍କୁ ବର୍ତ୍ତମାନର ସରପଞ୍ଚ ରାଜେଶ କୁମାର ଜେନା ଏକ ପତ୍ର ଲେଖିଥିଲେ । ତାଙ୍କର ପତ୍ର ପାଇବା ପରେ ବିଡିଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଆର ଡବ୍ଲ୍ୟୁ ସବ ଡିଭିଜନ ଅଫିସ ଜଳେଶ୍ୱରଙ୍କୁ ଅବଗତ କରିଥିଲେ । ସ୍ୱାଧିନତାର ୭୮ ବର୍ଷ ବିତିଯାଇଥିଲେ ମଧ ନଛିମପୁର ଗ୍ରାମପଞ୍ଚାୟତ ଅଫିସ ଗୃହଟି ସମ୍ପୁର୍ଣ ଡେମେଜ ହୋଇଥିବା ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଗତ ୨୯/୮/୨୪ ତାରିଖରେ ତଦନ୍ତ ରିପୋର୍ଟ ବିଡ଼ିଓଙ୍କୁ ପ୍ରଦାନ କରିଥିଲେ।ସେହି ପତ୍ର ଆଧାରରେ ଉକ୍ତ ଅଫିସ ଗୃହକୁ ବିଡ଼ିଓଙ୍କ ପତ୍ର ସଂଖ୍ୟା ୪୮୫୮ ତାରିଖ ୩୦/୦୮/୨୦୨୪ ମୂଳେ ଭଙ୍ଗା ଯାଇ ନୂତନ ଗୃହଟିକୁ ନବକଳେବର କରାଯିବ ବୋଲି ସରପଞ୍ଚ ଓ ସମିତି ସଭ୍ୟ ଦୃଢୋକ୍ତି ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଅବହେଳିତ ଅବସ୍ଥାରେ ଛିଡା ହୋଇଥିବା ପଞ୍ଚାୟତ ଅଫିସ ଗୃହଟି ଆଜି ଭଙ୍ଗା ଯାଇ ନୂତନ କରିବାର ପ୍ରୟାସ କରିଥିବା ସରପଞ୍ଚ ରାଜେଶ ଜେନା ଓ ସମିତି ସଭ୍ୟ ତଥା ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କୁ ନିଶିକାନ୍ତ ଦାସ ୱାର୍ଡ ସଭ୍ୟ, ଉତ୍ତମ ରାଉତ ୱାର୍ଡ ସଭ୍ୟ, ସୁଜିତ ପାତ୍ର, ସୋନାଲି ପାତ୍ର ନାଏବ ସରପଞ୍ଚ, ଗୌରାଙ୍ଗ କର, ହେମନ୍ତ ସିଂହ, ପଞ୍ଚାନନ ଗିରି, ରାଜେନ୍ଦ୍ର ଶତପଥୀ, ସନ୍ତୋଷ ପାତ୍ର, ରାମକୃଷ୍ଣ ଦେ ,ଅମର ପାତ୍ର, ପବିତ୍ର କର,ତ୍ରିଲୋଚନ ଶେଣ, ସତ୍ୟ ଭୂୟାଁ,ରୁନା ଦେ,ଭାଗବତ ଦେ, ବୁଦ୍ଧେଶ୍ୱର ଦେ, ରାମହରି ପ୍ରଧାନ, ଗଣେଶ ପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ବାବୁଲି ପାତ୍ର, କାର୍ତ୍ତିକ ଶେଣ, ବଂଶୀଧର ପ୍ରଧାନ,ବ୍ରଜେଦ୍ର ମହାନ୍ତି, ଶୁଶାନ୍ତ ପ୍ରଧାନ, କେଦାର ନାଥ ଜେନା, ହରିଶଙ୍କର ଜେନା, ଶୁଶାନ୍ତ ଦେ, ଉତ୍ତମ କର ପ୍ରମୁଖ ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ପ୍ରଶଂସା କରିବା ସହିତ ଉକ୍ତ କାର୍ଯ୍ୟକୁ ସଠିକ ବୋଲି ଦର୍ଶାଇଛନ୍ତି ।

# ସତ୍ୟବାଦୀ ବିଧାୟକ ଓ ପୁରୀ ଜିଲ୍ଲାପାଳଙ୍କର ବକୁଳବନ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ

ସତ୍ୟବାଦୀ, (ଦୁର୍ଗେଶପ୍ରସାଦମିଶ୍ର) : ତାରିଖରେ ସତ୍ୟବାଦୀ ବିଧାୟକ ଶ୍ରୀଯୁକ୍ତ ଓମ ପ୍ରକାଶ ମିଶ୍ର ଓ ପୁରୀ ଜିଲ୍ଲାପାଳ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଓଡ଼ିଶା ସେତୁ ନିଗମ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀଯୁକ୍ତ ସୁନ୍ଦର ମାଧବ ପାଢ଼ୀ ପ୍ରମୁଖ ସତ୍ୟବାଦୀ ଗସ୍ତରେ ଆସି ସାକ୍ଷୀଗୋପାଳ ମନ୍ଦିର, ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ବକୁଳବନ ପ୍ରଭୃତି ପରିଦର୍ଶନ କରିବା ସହ ଏହାର ବିକାଶକୁ ତ୍ୱରାନ୍ୱିତ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ସାକ୍ଷୀଗୋପାଳ ମନ୍ଦିରର ବିକାଶ କରି ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ଯୋଜନା କରାଯାଇଥିବା ଜିଲ୍ଲାପାଳ ପ୍ରକାଶ କରିଥିଲେ। ସେହିପରି ଆବଶ୍ୟକୀୟ ଜମି ଅଧିଗ୍ରହଣ କରି ବିଶ୍ୱବିଦ୍ୟାଳୟ ର ବାକିଆ ଥିବା କାମକୁ ସାରିବାକୁ ବିଧାୟକ ପ୍ରସ୍ତାବ ଦେଇଥିଲେ, ଏହାକୁ ଏକ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ଢାଞ୍ଚାରେ ଗଢି ତୋଳିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବ ଦେଇଥିବା ଜିଲ୍ଲାପାଳ ପ୍ରକାଶ କରିଥିଲେ। ସେହିପରି ବକୁଳବନର ଉନ୍ନତି କରଣ କରି ଏହାକୁ ଏକ ନେଟ ଜିରୋ କ୍ୟାମ୍ପସ ରେ ପରିଣତ କରିବାକୁ ସମସ୍ତେ ମତ ଦେଇଥିଲେ। ଏଥିପାଇଁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବି ମାନଙ୍କର ମତକୁ ଅଗ୍ରାଧିକାର ଦେବାକୁ ବିଧାୟକ କହିଥିଲେ। ସେହିପରି ସାକ୍ଷୀଗୋପାଳ ରେ ଥିବା ନିୟନ୍ତ୍ରିତ ବଜାର କମିଟି ପରିଦର୍ଶନ କରି ତୁରନ୍ତ ପରିଚାଳନା କମିଟି ଗଠନ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିବାବେଳେ ଏହା ମଧ୍ୟରୁ ଜବରଦଖଲ ହଟାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ କିଛି ନାଗରିକ ଏଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ଓ ଶୀତଳଭଣ୍ଡାର କରିବାକୁ ପଦକ୍ଷେପ ନେବାକୁ ବିଧାୟକ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ତହସିଲଦାର ଶ୍ରୀଯୁକ୍ତ ଆଲୋକ କୁମାର ଦେହୁରୀ ଓ ସତ୍ୟବାଦୀ ବିଡ଼ିଓ ଲିପ୍ସା ରାୟ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଚାଷୀଙ୍କ ଝିଅ ଡ଼ାକ୍ତର ହେବେ

ସତ୍ୟବାଦୀ (ଦୁର୍ଗେଶପ୍ରସାଦମିଶ୍ର): ସତ୍ୟବାଦୀ ବ୍ଲକ୍ ନୂଆଶାସନ ଗ୍ରାମର ଛାତ୍ରୀ ମଧୁମିତା ବିଶ୍ୱାଳ ନିକ୍ ପରୀକ୍ଷାରେ ୬୫୧ ନମ୍ବର ସହ ସର୍ବ ଭାରତୀୟ ସ୍ତରରେ ୨୫୪୩୮ ରାଙ୍କ୍ ରଖି ଉତ୍ତୀର୍ଣ୍ଣ ହେବା ସହିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲ, କୋରାପୁଟ ରେ ନାମ ଲେଖାଇବାକୁ ଯୋଗ୍ୟା ବିବେଚିତା ହୋଇଛନ୍ତି। ତାଙ୍କ ବାପା ଜଣେ ନାମମାତ୍ର ଚାଷୀ ହୋଇଥିବା ସ୍ଥଳେ ମାତା ଝୁନା ଜଣେ ଗୃହିଣୀ। ମଧୁମିତା, ପାରେକେଣା ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ୫୪୧ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଥିଲାବେଳେ ଯୁକ୍ତ ଦୁଇରେ ସମାନ ୫୪୧ ନମ୍ବର ରଖି ନିମାପଡାର ଏକ ଘରୋଇ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କର ଏହି ସଫଳତାରେ ସମଗ୍ର ଅଞ୍ଚଳରେ ଖୁସୀର ଲହରୀ ଖେଳେଇ ଦେଇଛି। କଠୋର ପରିଶ୍ରମ ଓ ନିଷ୍ଠା ଯୋଗୁଁ ତାଙ୍କୁ ଏ ସଫଳତା ମିଳିଛି ଓ ତାଙ୍କର ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିବା ସହ ମଧୁମିତା ଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ବୋଲି ସୁଆଣ୍ଡୋ ଗୋପବନ୍ଧୁ ସ୍ମୃତି ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଧିରେନ୍ଦ୍ର ନାଥ ଦାଶ ସୁଚନା ଦେଇଛନ୍ତି ।



# ହାନା ଟାଇକୋଣ୍ଡୋ ଏକାଡ଼େମୀର ଶୀକ୍ଷାନବୀଶଙ୍କର ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ସଫଳତା

ସତ୍ୟବାଦୀ: (ଦୁର୍ଗେଶପ୍ରସାଦମିଶ୍ର): କଟକ ଜବାହରଲାଲ ଇଣ୍ଡୋର ଷ୍ଟାଡିୟମ ରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ସାକ୍ଷୀଗୋପାଳର ହାନା ଟାଇକୋଣ୍ଡୋ ଏକାଡ଼େମୀ ର ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ୬ଜଣ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୪ଜଣ ରୌପ୍ୟ ପଦକ ଓ ୨ ଜଣ କାଂସ୍ୟ ପଦକ ପାଇଥିଲେ। ସ୍ୱର୍ଣ୍ଣ ପଦକ ପାଇଥିବା ୬ ଜଣଙ୍କ ଭିତରୁ ୪ଜଣ ଜାତୀୟ ସ୍ତରର ପ୍ରତିଯୋଗୀତା ପାଇଁ ଯୋଗ୍ୟ ବିବେଚିତ ସୋଇଥିବା କୋଚ ଦୀପକ କୁମାର ପ୍ରଧାନ ଜଣାଇଛନ୍ତି। ସାକ୍ଷୀଗୋପାଳ ପ୍ରତିଯୋଗୀଙ୍କର ଏତାଦୃଶ ସଫଳତା ସ୍ଥାନୀୟ ଅଞ୍ଚଳରେ ଖୁସୀର ପରିବେଶ ତିଆରି କରିଛି।



# ଗ୍ରାମ ଭିତରେ ୧୧କେଭି ଟଣାକୁ ଗ୍ରାମବାସୀଙ୍କ ବିରୋଧ

ସତ୍ୟବାଦୀ: (ଦୁର୍ଗେଶପ୍ରସାଦମିଶ୍ର) ସତ୍ୟବାଦୀ ଥାନା ଅନ୍ତର୍ଗତ ମୂଳଅଳସା ଗ୍ରାମ ମଝିରେ ୧୧କେଭି ତାର ଟଣାକୁ ଗ୍ରାମବାସୀଙ୍କ ଦ୍ୱାରା ବିରୋଧ କରାଯାଇଛି। ଘଟଣାରୁ ପ୍ରକାଶ ଯେ ଗ୍ରାମ ନିକଟରେ ଜନୈକ ବ୍ୟକ୍ତି ଏକ ବେସରକାରୀ ମହାବିଦ୍ୟାଳୟ ଖୋଲିବାକୁ ସ୍ଥିର କରିଛନ୍ତି ଏବଂ ମହାବିଦ୍ୟାଳୟ କୁ ବିଦ୍ୟୁତ ସଂଯୋଗ କରିବା ପାଇଁ ସେଇ ଗ୍ରାମ ଦେଇ ୧୧କେଭି ତାର ସଂଯୋଗ ପାଇଁ ଖୁଣ୍ଟ ପୋତୁଥିବା ସମୟରେ ଗ୍ରାମବାସୀ ମାନେ ଘୋର ବିରୋଧ କରି ଏସ୍ ଡି ଓଙ୍କୁ ଯୋଗାଯୋଗ କରି ଅଭିଯୋଗ କରିଥିଲେ। ସେହି ଗ୍ରାମରେ ହଜାର ସରିକି ଲୋକ ବାସ କରୁଥିବା ବେଳେ , ଗାଇ ଗୋରୁ ଛେଳିମେଣ୍ଢା ଓ ଅଙ୍ଗନବାଡି ଓ ସ୍କୁଲ ପ୍ରଭୃତି ରହିଥିବାରୁ ୧୧କେଭି ଯୋଗୁଁ ଭବିଷ୍ୟତରେ କୌଣସି ଅଘଟଣ ଘଟିଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି। ଗ୍ରାମବାସୀ ଏହି ବ୍ୟକ୍ତି ବିରୁଦ୍ଧରେ ସତ୍ୟବାଦୀ ଥାନାରେ ଏତଲା ଦେଇଛନ୍ତି।

# ଆଧାର କାର୍ଡକୁ ନେଇ ଆସିଲା ନୂଆ ନିୟମ

ନୂଆଦିଲ୍ଲୀ, : ଆଧାର କାର୍ଡ ସମ୍ପର୍କରେ ସରକାର ଏକ ନୂଆ ନିୟମ ଜାରି କରିଛନ୍ତି। ଯଦି ଆପଣ ଏକ ନୂଆ ଆଧାର କାର୍ଡ କରିବାକୁ ଚାହୁଁଛନ୍ତି କିମ୍ବା ଆଧାର କାର୍ଡରେ କୌଣସି ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ଏହି ନିୟମ ବିଷୟରେ ଜାଣିବା ଆପଣଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନୂଆ ନିୟମରେ ଆପଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଆଧାର କାର୍ଡ଼ର ନୂଆ ନିୟମ ଅନୁଯାୟୀ, ପୂର୍ବରୁ ଆପଣ ଜନ୍ମ ତାରିଖକୁ ସହଜରେ ସଂଶୋଧନ କିମ୍ବା ପରିବର୍ତ୍ତନ କରିପାରୁଥିଲେ, କିନ୍ତୁ ବର୍ତ୍ତମାନ ପ୍ରକାଶିତ ନୂଆ ନିୟମ ଅନୁଯାୟୀ, ଆପଣଙ୍କୁ ଜନ୍ମ ତାରିଖ ସଂଶୋଧନ କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ, ଏଥିପାଇଁ ଏହି ନିୟମ ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନ୍ମ ତାରିଖ ଏବଂ ନାମ ସଂଶୋଧନ କରିବା ପାଇଁ ଆଧାର କାର୍ଡ ତିଆରି କରୁଥିବା ଘରୋଇ କମ୍ପାନୀଗୁଡିକ ପାଇଁ ଟଓଉଇଓ ଦ୍ୱାରା ନୂଆ ନିୟମ ଜାରି କରାଯାଇଛି। ବର୍ତ୍ତମାନ ଜନ୍ମ ପ୍ରମାଣପତ୍ର ଏବଂ ହାଇସ୍କୁଲ ସାର୍ଟିଫିକେଟ ବିନା ଆଧାର କାର୍ଡରେ କୌଣସି ବ୍ୟକ୍ତିର ଜନ୍ମ ତାରିଖ ସଂଶୋଧନ କରିପାରିବେ ନାହିଁ। ଆମ ଦେଶର ଅନେକ ନାଗରିକ ଅଛନ୍ତି ଯେଉଁମାନେ ଏବେବି ଗାଁରେ ରୁହନ୍ତି। ଗାଁରେ ସେମାନଙ୍କ ପାଇଁ ଜନ୍ମ ପ୍ରମାଣପତ୍ର କିମ୍ବା ଉଚ୍ଚ ବିଦ୍ୟାଳୟ ପ୍ରମାଣପତ୍ର ଉପଲବ୍ଧ ନାହିଁ। ଏପରି ପରିସ୍ଥିତିରେ, ଗେଜେଟେଡ ଅଫିସର କିମ୍ବା ଏମବିବିଏସ ଡାକ୍ତରଙ୍କଠାରୁ ଏକ ସାର୍ଟିଫିକେଟ ଚିଠି ନେଇ ଜନ୍ମ ତାରିଖ ସଂଶୋଧନ କରାଯାଇପାରିବ। ବିହାର ରାଜ୍ୟ ସରକାରଙ୍କ ତରଫରୁ ନୀତିଶ ସରକାର ଆଧାର କାର୍ଡ ସମ୍ବନ୍ଧରେ ଏକ ନୂଆ ପଦକ୍ଷେପ ନେଇଛନ୍ତି, ଯାହା ଅନୁଯାୟୀ ଆପଣ ଆପଣଙ୍କର ଜମାବନ୍ଦୀକୁ ଆଧାର କାର୍ଡ ଏବଂ ମୋବାଇଲ ନମ୍ବର ସହିତ ଲିଙ୍କ କରିପାରିବେ ଯାହା ଦ୍ୱାରା ଭବିଷ୍ୟତରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ରାଜସ୍ଥାନ ରାଜ୍ୟ ସରକାର ମଧ୍ୟ ନୂଆ ନିୟମ କାର୍ଯ୍ୟକାରୀ କରିଛନ୍ତି। ସରକାରଙ୍କ ଦ୍ୱାରା ଆଧାର କାର୍ଡ ବାଧ୍ୟତାମୂଳକ କରାଯାଇଛି। ଯେତେବେଳେ ଆପଣ ଆଧାର ସଂଶୋଧନ କରିବାକୁ କିମ୍ବା ଛୋଟ ପିଲାମାନଙ୍କ ପାଇଁ ଅଙ୍ଗନବାଡି କେନ୍ଦ୍ରକୁ ଯାଆନ୍ତି, ସେହି ପରିସ୍ଥିତିରେ ଆଧାର କାର୍ଡ ଆପଣଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି।



# Union Minister of Steel confers security personnel of JSL with ISA's Gender Diversity award




Bhubaneswar, : The Indian Steel Association (ISA) today conferred the prestigious 'Wings of Steel' award to Ms Sagarika Soren, a member of the Commando team of the Security department of Jindal Stainless' Jajpur plant, under the 'Gender and Diversity' category. Steel Secretary, Mr Nagendra Nath Sinha, presented her the award for her leadership and pioneering mindset and for being an inspiration for many in the 5th edition of the Indian Steel Conclave held in New Delhi. Additionally, Ms Soren was honoured with the Jury's Special Award by the Union Minister of Heavy Industries and Steel, Mr HD Kumaraswamy, for her determination and resilience in overcoming adversity.Ms Soren began her journey as a housekeeping staff in Jindal Stainless' Jajpur plant. Her remarkable leadership qualities and commitment to excellence propelled her to the elite commando team. Born and raised in the Budhi Khumari village of Mayurbhanj, Odisha, Ms Soren had to discontinue her studies after matriculation to support her family financially. Despite the setback, she persevered. Her keen eye for detail and dedication quickly earned her recognition, leading to two awards for outstanding performance. Her leadership qualities and discipline were soon noticed, paving the way for her training as a security staff in the commando team.Beyond her professional responsibilities, Ms Soren is deeply committed to her community. She spends her free time educating children in her village, sharing her knowledge and skills.Commending the awardee, Managing Director, Jindal Stainless, Mr Abhyuday Jindal, said, "It's an honour to see Ms Soren recognised by the ISA. Her dedication, leadership, and courage are inspiring. At Jindal Stainless, we believe women can achieve great heights when given the opportunity. We're committed to creating a workplace where women feel empowered to pursue their goals and make a positive impact."On receiving the award,Ms Soren said, "Receiving this prestigious award is a great achievement for me. It's a testament to the belief that women can excel in any field, regardless of their background. I'm incredibly grateful for the support and opportunities I've received at Jindal Stainless, and I'm committed to inspiring others to pursue their passions with courage and determination. The ISA has emerged as a platform for the Indian iron and steel industry that facilitates issues, concerns and challenges common to its members with government and other stakeholders within and outside India.

## TSF, NINL and Local Health Authorities partner to enhance eye care services in Kalinganagar

Kalinganagar : To ensure accessible healthcare against preventable blindness and improve the quality of eye care services in the Danagadi and Sukinda region, Tata Steel Foundation along with Neelachal Ispat Nigam (NINL) organised a 'Convergence Meeting' at Hotel Ginger, Kalinganagar on Wednesday. The meeting was attended by key health stakeholders, including Dr Sibashis Moharana, Chief District Medical Officer, Jajpur, representatives from the District Blind Control Society (DBCS), and leading eye hospitals of the region including Krishna Eye Hospital, Bhoomika Eye Hospital, Sushruta Hospital and Maroof Eye & Multispeciality HospitalDuring the meeting, participants discussed strategies to enhance the eye health programme for school children, identify Retinopathy of Prematurity (ROP) cases, and provide training to Angan wadi Workers (AWW), Auxiliary Nurse Midwives (ANM), and Accredited Social Health Activists (ASHA) on common eye ailments.A key outcome of the discussion was the proposal to form a 'Steering Committee' comprising representatives from DBCS, all local eye hospitals, and medical officers from Danagadi and Sukinda blocks to efficiently monitor cataract cases and oversee screening efforts.Till date, Tata Steel Foundation has facilitated 2,739 screenings for cataract this year across Danagadi and Sukinda blocks, identifying 401 cataract cases. Of these, TSF has enabled successful surgeries for 330 individuals, demonstrating its commitment to improving eye health care in the region while shaping avenues for a transformed, inclusive tomorrow.



## East Coast Railway Signs MoU with SBI to Enhance Financial Security for Employees



Bhubaneswar : In a landmark initiative aimed at improving the financial security of its employees, East Coast Railway (ECoR) has signed a Memorandum of Understanding (MoU) with the State Bank of India (SBI). This agreement introduces a range of exclusive financial benefits and services tailored to the needs of ECoR's vast workforce. The MoU covers ECoR's 59,762 serving employees across its three divisions: Khurda Road, Waltair, Sambalpur, and the Mancheswar workshop. Approximately 76% of the workforce, translating to 45,419 employees who have their salary accounts in SBI will benefit from this agreement.

Key highlights of the MoU include

Targeted to benefit the workforce of about 37500 nos. engaged in field level safety, maintenance and operations, including trackmen, signal maintainers, technicians, RPF staff, loco pilots, guards, and other employees.

The event was attended by senior officials from both ECoR and SBI. ECoR General Manager Shri Parmeshwar Funkwal and SBI Bhubaneswar Circle Chief General Manager led the proceedings. Both heads emphasized the significance of this collaboration, underscoring their shared commitment to employee welfare."This MoU is not merely an agreement; it is a testament to our dedication to enhancing the overall well-being of our employees. Partnering with SBI enables us to provide comprehensive financial security that offer peace of mind and effective financial management for our workforce," stated Shri Parmeshwar Funkwal.

In addition to these benefits, the MoU introduces personalized banking services, streamlined loan processing, and dedicated customer support for ECoR employees. This reflects a holistic approach to financial security, ensuring that employees can manage their finances with ease and confidence.Through this agreement, East Coast Railway continues to lead the way in employee welfare, setting new standards for innovation and care for its extended railway family. The partnership with SBI is expected to pave the way for future initiatives that will further enhance the quality of life for ECoR's employees.

# ପାଲ ଭିଡ଼ି କୋଇଲା ପରିବହନ ପାଇଁ ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସର ଦାବୀପତ୍ର



ତାଳଚେର, : ତାଳଚେରର ବିଭିନ୍ନ କୋଇଲାଖଣି ଏବଂ କୋଲ ୱାସରୀ ଏବଂ ରେଲ ସାଇଡ଼ିଂ ଗୁଡ଼ିକରୁ ରେଲ ୱାଗନ ଏବଂ ଟିପରରେ ପାଲ ଭିଡ଼ି କୋଇଲା ପରିବହନ କରିବା ନିମନ୍ତେ ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ତରଫରୁ ପୂର୍ବତଟ ରେଳବାଇ ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ତାଳଚେରସ୍ଥିତ ଏରିଆ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଛି । ରେଳବାଇ ପକ୍ଷରୁ ଏମସିଏଲର ବିଭିନ୍ନ କୋଇଲାଖଣିରୁ ଟ୍ରକ ଏବଂ ରେଲ ୱାଗନ ଯୋଗେ କୋଇଲା ପରିବହନ ହେଉଥିବା ବେଳେ ସେଥିରେ ପାଲ ଭିଡି ନେଉ ନଥିବା ସଂଘର ଦୃଷ୍ଟିଗୋଚର ହୋଇଛି । ଫଳତଃ କୋଇଲା ଗୁଣ୍ଡଗୁଡ଼ିକ ବାୟୁରେ ଉଡ଼ି ଜଳ,ଚାଷ ଜମି ଆଦି ପ୍ରଦୁଷିତ ହେଉଛି । ତେବେ କୋଇଲା, ତେଲ ଏବଂ ଅନ୍ୟାନ୍ୟ ହାନିକାରକ ଦ୍ରବ୍ୟ ପରିବହନ ସମୟରେ ଧୂଳିଗୁଣ୍ଡ ବାୟୁରେ ନବ୍ୟାପିବା ପାଇଁ ପାଲ ଘୋଡ଼ାଇ ନେବା ତଥା ଅନ୍ୟାନ୍ୟ ବ୍ୟବସ୍ଥା କରିବା ନିମନ୍ତେ ନିୟମ ରହିଛି । ଏହାକୁ ଖିଲାପ କରୁଥିବା କମ୍ପାନୀଗୁଡ଼ିକ ଉପରେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି । ତେବେ ରେଳ ୱାଗନ ଗୁଡିକ କୋଇଲା ପରିବହନ ବେଳେ ପାଲ ଭିଡି ଯାତାୟତ କରିବାକୁ ଭାରତ ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗ ଗେଜେଟ୍ ନୋଟିଫିକେସନ୍ ଜାରି କରିଛନ୍ତି । ପ୍ରାକ୍ତନ ରେଳ ଏବଂ କୋଇଲା ମନ୍ତ୍ରୀ ପିୟୁଷ ଗୋଏଲ ସେତେବେଳେ ରେଳ ୱାଗନ ଗୁଡିକ ପାଲ ଭିଡି କୋଇଲା ପରିବହନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଳଚେର ଅଂଚଳକୁ ଛାଡିଦେଲେ ଅନ୍ୟ ସମସ୍ତ ଅଂଚଳରୁ ରେଳ ୱାଗନ ଯୋଗେ ମାଲ ପରିବହନ ବେଳେ ପାଲ ଭିଡା ହୋଇ ଯାଉଥିବାର ଦୃଷ୍ଟିକୁ ଆସିଛି । ମାତ୍ର ତାଳଚେର ଅଂଚଳରେ କାହିଁକି ଏହି ନିୟମ ପାଳନ କରାଯାଉ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ବନ୍ଧରେ ବରିଷ୍ଠ ନାଗରିକ, ଶ୍ରମିକ ସଂଗଠନ, ରାଜନୀତିକ ସଙ୍ଗଠନ ଓ ପରିବେଶବିତ୍ ମାନେ ଏମସିଏଲର ଅଧିକାରୀ, ରେଳ ବିଭାଗ ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ ପଦକ୍ଷେପ ନିଆଯାଇନାହିଁ । ଏଣୁ ଯଥାଶୀଘ୍ର ରେଳ ଯୋଗେ ପ୍ଲାଣ୍ଟଗୁଡ଼ିକୁ ଉଭୟ ଟ୍ରକ ଓ ରେଲ ୱାଗନ ଗୁଡ଼ିକରେ ପାଲ ଭିଡ଼ି କୋଇଲା ପରିବହନ କରାଯାଉ । ଯଦ୍ୱାରା ବାୟୁରେ କୋଇଲା ଗୁଣ୍ଡ ବ୍ୟାପିବ ନାହିଁ ଏବଂ ପରିବେଶ ପ୍ରଦୁଷିତ ହେବନାହିଁ । ଉକ୍ତ ଦାବୀପତ୍ର ପ୍ରଦାନ ସମୟରେ ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସର ସଭାପତି ରାଜକିଶୋର ସାହୁ,ଦିନେଶ କୁମାର ତ୍ରିପାଠୀ,ଶିବନନ୍ଦନ ସାହୁ,ଶରତ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପିରେ ଯୋଗ ଦେଲେ ସୁଜିତ କୁମାର

ଭୁବନେଶ୍ୱର : ଅବଶେଷରେ ସୁଜିତ କୁମାର ବିଜେପିରେ ଦେଇଛନ୍ତି । ନୂଆଦିଲ୍ଲୀ ବିଜେପି ମୁଖ୍ୟାଳୟରେ ସୁଜିତ କୁମାର ପଦ୍ମ ଧରିଛନ୍ତି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଟକ ସାଂସଦ ଭର୍ତ୍ତୃହରି ମହତାବ, ଦଳର ସାଧାରଣ ସଂପାଦକ ଅରୁଣ ସିଂ ଓ ଓଡ଼ିଶା ବିଜେପି ପ୍ରଭାରୀ ବିଜୟସିଂ ତୋମର ପ୍ରମୁଖଙ୍କ ଉପସ୍ଥିତିରେ ସେ ବିଜେପିରେ ଯୋଗ ଦେଇଛନ୍ତି । ଏହି ଅବସରରେ ସୁଜିତ କୁମାରଙ୍କ ଭଳି ଜଣେ ଗୁଣୀ ସାମାଜିକ କର୍ମୀଙ୍କୁ ଦଳରେ ପାଇ ଅନ୍ୟନ୍ତ ଖୁସି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଜେପିରେ ଯୋଗ ଦେବା ପରେ ପୂର୍ବ ବିଜେଡି ସରକାର ଉପରେ ବର୍ଷିଛନ୍ତି ସୁଜିତ କୁମାର । ସେ କହିଛନ୍ତି କଳାହାଣ୍ଡିରୁ ହଜାରେ କୋଟିରୁ ଅଧିକ ଲୁଟ୍ ହୋଇଛି । ଏଥିରେ ବହୁ ବିଜେଡି ନେତା ଜଡ଼ିତ । ଟେଣ୍ଡର ଫିକ୍ସିଂ ଓ ବାଲିମାଫିଆଙ୍କ ସହ ମିଶି ଦୁର୍ନୀତି କରୁଥିଲେ ବିଜେଡି ନେତା । ଏନେଇ ଦଳ ମୁଖିଆ ନବୀନ ପଟ୍ଟନାୟକଙ୍କୁ ଜଣାଇଥିଲି, ହେଲେ କୌଣସି ସୁଫଳ ମିଳି ନଥିଲା । ଏଣୁ ବାଧ ହୋଇ ବିଜେପିରେ ମିଶିଲି । ଏହାଛଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାରତବିକାଶ ଆହ୍ୱାନ ମୋତେ ଖୁବ୍ ପ୍ରଭାବିତ କରିଛି । ବିଜେପିରେ ସାମିଲ ହୋଇ ଖୁବ୍ ଖୁସି ଅଛି । ଏବେ ଲୋକଙ୍କ ସେବା କରିବି । ସୂଚନାଯୋଗ୍ୟ, କିଛି ସମୟ ଆଗରୁ ବିଜେଡି ଓ ରାଜ୍ୟସଭାରୁ ଇସ୍ତଫା ଦେଇଥିଲେ ସୁଜିତ କୁମାର । ୨୦୨୬ରେ ସୁଜିତ କୁମାରଙ୍କ କାର୍ଯ୍ୟକାଳ ସରିଥାନ୍ତା । କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ସୁଜିତ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି । ଦଳରେ ତାଙ୍କୁ କୋଣଠେସା କରାଯାଇଥିବାରୁ ସେ ଦଳରୁ ଇସ୍ତଫା ଦେଇଥିଲେ । ମମତା ମହାନ୍ତଙ୍କ ପରେ ସୁଜିତ କୁମାର ହେଉଛନ୍ତି ଦ୍ୱିତୀୟ ବିଜେଡି ରାଜ୍ୟସଭା ସାଂସଦ, ଯିଏ ଦଳ ଛାଡ଼ିଛନ୍ତି । ଏହାପରେ ସୁଜିତ କୁମାର ବିଜେପିରେ ଯୋଗ ଦେଇପାରିନ୍ତି ବୋଲି ଚର୍ଚ୍ଚା ହେଉଥିଲା । ପୂର୍ବରୁ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ 'କମିଟି ଅନ୍ ପିଟିସନ୍' ଷ୍ଟାଣ୍ଡିଂ କମିଟିର ଅଧକ୍ଷ ପଦ ମିଳିଥିଲା । ବିଜେଡି ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ କମିଟିର ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା ।

# ୨୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା, ସୁନା ଠକି ନେଇଥିବା ଅଭିଯୋଗରେ ମହିଳା ଗିରଫ




କେନ୍ଦ୍ରାପଡ଼ା, : ଆଜି ମହିପାଳ ସ୍ଥିତ ଏଚ୍. ଡି.ଏଫ୍. ସି ବ୍ୟାଙ୍କ ପରିସରରୁ ପାଖରେ ଥିବା ମୁଥୁଡ ଫାଇନାନ୍ସ ବ୍ୟାଙ୍କକୁ ଆସିଥିବା କେନ୍ଦ୍ରାପଡ଼ା ପୌରସଂସ୍ଥା ଅନ୍ତର୍ଗତ ଜୟପୁରା ଗ୍ରାମର ସାବଧାନ ଅଲ୍ଲିଙ୍କ ଠକ ଏବଂ ଦଲାଲ ପତ୍ନୀ ରିହାନା ବିବି(୪୦)କୁ ପ୍ରାୟ ୧୦ ଜଣରୁ ଅଧିକ ସଂଖ୍ୟା ଲଘୁ ସମ୍ପ୍ରଦାୟର ମହିଳା ମାନଙ୍କଠୁ ପ୍ରାୟ ୨୦ ଲକ୍ଷରୁ ଅଧିକ ସୁନା, ଗହଣା, ଗାଣ୍ଠି ସହିତ ଲକ୍ଷାଧିକ ଟଙ୍କା ଲୋନ୍ ସୁତ୍ରରେ ଦୀର୍ଘ ୧ବର୍ଷହେବ ଠକିନେଇ ଭୁବନେଶ୍ୱରରେ ଲୁଚି ରହିଥିଲା । ଅଭିଯୋଗ କାରିଣୀ ମହିଳାମାନେ ଯେତେ ତାଙ୍କୁ ଟଙ୍କା, ସୁନା ମାଗିବା ପରେ ମଧ୍ୟ ସେ କାହାରିକୁ କିଛିବି ଟଙ୍କା ସୁନା ନଫେରାଇ ଯାଡେ,ସିଆଡେ ଲୁଚି ବୁଲୁଥିଲା । ଆଜି ମୁଥୁଡ୍ ଫାଇନାନ୍ସ ବ୍ୟାଙ୍କକୁ ଆସିଥିବା ଖବର ପାଇ ଟଙ୍କା ସୁନା ଦେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ତାଙ୍କୁ ଏଚ୍. ଡି. ଏଫ୍. ସି ବ୍ୟାଙ୍କ ନିକଟରେ ତାଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ । ଖବରପାଇ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଘଟଣା ସ୍ଥଳରେ ସଦଳବଳ ପହଞ୍ଚି ଉକ୍ତ ଠକ ମହିଳାକୁ କାବୁ କରିବା ସହିତ ଥାନାକୁ ନେଇ ଅଭିଯୋଗ କାରିଣୀ ମହିଳାମାନଙ୍କ ଅଭିଯୋଗକୁ ଭିର୍ତିକରି ଏକ ଠକେଇ ମକଦ୍ଦମା ରୁଜୁ କରିବା ସହିତ ଉକ୍ତ ଠକ ମହିଳାକୁ ଥାନାରେ ଅଟକ ରଖି ପଚରା ଉଚ୍ଚାରଣ କରୁଥିବା ଥାନା ଅଧିକାରୀ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ସାହୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।

# ସୁଭଦ୍ରା ଯୋଜନା ନେଇ ସାମ୍ବାଦିକ ସମ୍ମିଳନୀ କଲେ ଜିଲ୍ଲାପାଳ



ଖୋର୍ଦ୍ଧା, : ରାଜ୍ୟ ସରକାର ମହିଳା ଙ୍କୁ ଆତ୍ମନିର୍ଭରଶୀଳ ଓ ଆର୍ଥିକ ସ୍ତରରେ ଶସକ୍ତ କରିବା ପାଇଁ ଆରମ୍ଭ କରିଥିବା ସୁଭଦ୍ରା ଯୋଜନା କୁ ନେଇ ଆଜି ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି କି ସରକାର ଙ୍କ ଏହି ଆର୍ଥିକ ସହାୟତା ଯୋଜନା ସମସ୍ତ ଯୋଗ୍ୟ ହିତାଧିକାରୀ ପାଇବେ।କୌଣସି ବି ଯୋଗ୍ୟ ବ୍ୟକ୍ତି କିଭଳି ଏଥିରୁ ବଞ୍ଚିତ ନ ହେବେ ସେଥିପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି।ବ୍ଲକ ଓ ଜିଲ୍ଲା ସ୍ତରରେ ନୋଡାଲ କମିଟି ଗଠନ କରାଯାଇ ଯୋଜନା ର କିଭଳି ସୁଫଳ ମିଳିବ ସେଥିପାଇଁ ପ୍ରଚାର ପ୍ରସାର କରାଯିବା ସହିତ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି।ଜିଲ୍ଲାରେ ଆଜି ସୁଦ୍ଧା ପାଖା ପାଖି ୪ ଲକ୍ଷ ୨୫ ହଜାର ୪୫୭ ଫର୍ମ ବଣ୍ଟନ କରାଯାଇଛି । ତନ୍ମଧ୍ୟରୁ ୪ ହଜାର ୫୦୦ ଜଣ ଫର୍ମ ଦାଖଲ କରିଥିବା ଜଣାପଡ଼ିଛି।ତିନିଦିନ ହେବ ସର୍ଭର ଅସୁବିଧା ପାଇଁ ଫର୍ମ ପଞ୍ଜିକରଣ ରେ ସାମାନ୍ୟ ଅସୁବିଧା ହୋଇଛି।ତଥାପି ଦିନେ ଦୁଇ ଦିନ ଭିତରେ ଜିଲ୍ଲାରେ ଦୈନିକ ୩୦/୪୦ ହଜାର ଫର୍ମ ପଞ୍ଜିକରଣ କରାଯିବା ପାଇଁ ଯୋଜନା ଚାଲିଛି।ତେବେ ଜିଲ୍ଲାରେ ୧୫ ଶହରୁ ଉର୍ଦ୍ଧ୍ୱ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ଥିଲା ବେଳେ ବର୍ତ୍ତମାନ ୬୩୦ ଟି କେନ୍ଦ୍ର ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି।ଆଉ ଯେଉଁ ଜନସେବା ବା ମୋ ସେବା କେନ୍ଦ୍ର ମାନେ ସରକାର ଙ୍କ ଏହି ଯୋଜନାରେ ସାଧାରଣ ଲୋକ ଙ୍କୁ ସହଯୋଗ କରୁନାହାନ୍ତି।ସେମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ର ପଞ୍ଜିକରଣ ରଦ୍ଦ କରିବା କୁ ବ୍ୟବସ୍ଥା କରାଯାଇଛି । କିନ୍ତୁ ଏହି ସୁଭଦ୍ରା ଯୋଜନା ପାଇଁ ଆଧାର କାର୍ଡ ସହିତ ମୋବାଇଲ ନମ୍ବର ଲିଙ୍କ ଅତି ଜରୁରୀ ନୁହେଁ।କାରଣ ସୁଭଦ୍ରା ଯୋଜନା ଆବେଦନ କଲାବେଳେ ହିତାଧିକାରୀ ନିଜେ ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ର କୁ ଗଲେ।ନିଜର ଟିପ ଚିହ୍ନ ଓ ମୁହଁ ଦ୍ୱାରା ମଧ୍ୟ ଇ କେୱାଇସୀ କରି ସୁଭଦ୍ରା ପଞ୍ଜିକରଣ କରି ପାରିବେ।ତେଣୁ ଆଧାର କାର୍ଡ ରେ ମୋବାଇଲ ଲିଙ୍କ ଯେତିକି ଜରୁରୀ ନୁହେ।ଆଧାର କାର୍ଡକୁ ବ୍ୟାଙ୍କରେ ଲିଙ୍କ ଜରୁରୀ ।ସେହିପରି ଏହି ଯୋଜନା ରେ ସାମିଲ ହିତାଧିକାରୀଙ୍କ ପାଇଁ ମୋ ସେବା କେନ୍ଦ୍ର ଓ ବା ଜନ ସେବା କେନ୍ଦ୍ର କୁ ସରକାର ଆର୍ଥିକ ସହାୟତା ଦେଉଛନ୍ତି।କୌଣସି ହିତାଧିକାରୀ ବିନା ମୂଲ୍ୟରେ ଏହା ପକାଇ ପାରିବେ।ଏଥିପାଇଁ କେହି ଟଙ୍କା ମାଗିପାରିବେ ନାହିଁ ଯଦି କେଉଁଠି କିଏ ମାଗେ ତେବେ ପ୍ରମାଣ ସହିତ ଅଭିଯୋଗ କରିବାକୁ ଜିଲ୍ଲାପାଳ କହିଛନ୍ତି।ସେପଟେ ସରକାର ଏହି ଯୋଜନାର କୌଣସି ଶେଷ ତାରିଖ ଘୋଷଣା କରି ନ ଥିବା ବେଳେ ଫର୍ମ ପଞ୍ଜିକରଣ ପରେ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତି ଗାଁ ଓ ପଂଚାୟତ, ବ୍ଲକ ସ୍ତରରେ ଡ୍ରାଫ୍ଟ ତାଲିକା ପ୍ରକାଶ କରାଯିବ।ଯେଉଁମାନେ ଆବେଦନ କରିଥିବେ ସେମାନେ ଯୋଗ୍ୟ କିମ୍ବା ଅଯୋଗ୍ୟ ହିତାଧିକାରୀ ତାହା ସମସ୍ତ ଜନସାଧାରଣ ଜାଣିବେ।ପରେ ଫାଇନାଲ ତାଲିକା ପ୍ରକାଶ କରାଯାଇ ସହାୟତା ରାଶି ପ୍ରଦାନ କରାଯିବ। ଆଜିର ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା,ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରିଣୀ ଜ୍ୟୋସ୍ନା ରାଣୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇକୋର୍ଟରେ ଜେଲ ସଂସ୍କାର ମାମଲା

# ଆଇଜିଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ




କଟକ: ରାଜ୍ୟର କେତେକ ଜେଲରେ ଖାଦ୍ୟର ମାନ, ରୋଷଶାଳ, ସ୍ୱଚ୍ଛତା, ପରିମଳ, ଶୌଚାଳୟର ସ୍ଥିତି ଭଲ ନଥିବା ଅଭିଯୋଗ ରହିଛି। ଏଥି ସହିତ ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରରେ ଅନ୍ତେବାସୀଙ୍କ ପାଇଁ ରହିଥିବା ମୌ?ଳିକ ସୁବିଧା ଓ ସେମାନଙ୍କ ପ୍ରତି ଜେଲ କର୍ମଚାରୀଙ୍କ ବ୍ୟବହାର ନେଇ ମଧ୍ୟ ଅଭିଯୋଗ ରହିଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କ ରିପୋର୍ଟରୁ ଏଭଳି କଥା ସ୍ପଷ୍ଟ ହୋଇଛି। ଜୁଲାଇ ମାସର ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ସ୍ଥିତି ଓ ଅଗଷ୍ଟ ମାସର ରିପୋର୍ଟରେ ପ୍ରାୟତଃ ସ୍ଥିତି ସମାନ ରହିଛି। ଆମିକସ୍ କ୍ୟୁରି ହାଇକୋର୍ଟରେ ଦାଖଲ କରିଥିବା ଲିଖିତ ତଥ୍ୟ(ନୋଟ୍)ରେ ଏଭଳି କଥା ଉଲ୍ଲେଖ କରାଯାଇଛି। ଜେଲରେ ଖାଦ୍ୟର ମାନ, ରୋଷଶାଳ, ସ୍ୱଚ୍ଛତା, ପରିମଳ, ଶୌଚାଳୟର ସ୍ଥିତି ଭଲ ନଥିବା ଅଭିଯୋଗ ରହିଛି। ଏଥି ସହିତ ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରରେ ଅନ୍ତେବାସୀଙ୍କ ପାଇଁ ରହିଥିବା ମୌଳିକ ସୁବିଧା ଓ ସେମାନଙ୍କ ପ୍ରତି ଜେଲ କର୍ମଚାରୀଙ୍କ ବ୍ୟବହାର ନେଇ ମଧ୍ୟ ଅଭିଯୋଗ ରହିଛି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଜେଲ ସଂସ୍କାର ସଂପର୍କିତ ମାମଲାର ଶୁଣାଣି ସମୟରେ ଆମିକସ୍ କ୍ୟୁରି ଦର୍ଶାଇଥିଲେ ଯେ ଜିଲ୍ଲା ଆଇନସେବା ପ୍ରାଧିକରଣର ରିପୋର୍ଟ ମିଳିବା ପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା ନ କରି ଜେଲ କର୍ତ୍ତୃପକ୍ଷ ସମସ୍ୟା ସମାଧାନ ପାଇଁ ଆପେ ନିଜ ଆଡୁ ତୁରନ୍ତ ପଦକ୍ଷେପ ନେବା ଉଚିତ। ଆମିକସ୍ କ୍ୟୁରିଙ୍କ ଅଗଷ୍ଟ ୧୩ର ନୋଟ୍ ?ରେ ଉଲ୍ଲେଖ କରାଯାଇଥିବା ପ୍ରସଂଗ ଉପରେ ଜବାବ ରଖିବାକୁ ଜେଲ ଆଇଜିଙ୍କୁ ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କୃଷ୍ଣପ୍ରସାଦ ସାହୁଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟର ଜେଲ ଗୁଡ଼ିକର ସ୍ଥିତି ସଂପର୍କିତ ତଥ୍ୟ ସର୍ବସାଧାରଣରେ ଉପଲବ୍ଧ କରିବା ପ୍ରସଂଗରେ ପ୍ରସ୍ତାବ ଦାଖଲ କରିବାକୁ ଆମିକସ୍ କ୍ୟୁରିଙ୍କୁ ହାଇକୋର୍ଟ କହିଛନ୍ତି। ଏ ନେଇ ଏକ ପୋର୍ଟାଲ ଜେଲ ନିର୍ଦ୍ଦେଶାଳ ପକ୍ଷରୁ ପରିଚାଳନା କରାଯିବ। କେଉଁ ସବୁ ପ୍ରସଂଗରେ ତଥ୍ୟ ପୋର୍ଟାଲରେ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରାଯିବ ସେ ନେଇ ଆମିକସ୍ କ୍ୟୁରି ପରାମର୍ଶ ଦେବେ। ଯାହା ଦ୍ୱାରା ଜେଲ ଗୁଡ଼ିକର ସ୍ଥିତିର ଫଳପ୍ରଦ ତଦାରଖ କରାଯାଇ ପାରିବ ବୋଲି ହାଇକୋର୍ଟ କହିଛନ୍ତି। ଅଦାଲତ ଜାମିନ ମଞ୍ଜୁର କରିବା ପରେ ମଧ୍ୟ ଜାମିନ ସର୍ତ୍ତ ପୂରଣ ନ କରି ପାରି ଜେଲରେ ଥିବା ବନ୍ଦୀଙ୍କ ସଂକ୍ରାନ୍ତରେ ଆମିକସ୍ କ୍ୟୁରି ତଥ୍ୟ ଉପସ୍ଥାପନ କରିଥିଲେ। ମସ୍ତିଷ୍କ ବିକୃତି ଥିବା ବନ୍ଦୀ ଜେଲରେ ରହିବା ପ୍ରସଂଗରେ ଆମିକସ କ୍ୟୁରି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଏଭଳି ଘଟଣାକୁ ଜେଲ କର୍ତ୍ତୃପକ୍ଷ ଓ ନିମ୍ନ ଅଦାଲତ ନିଜ ଆଡୁ ଗ୍ରହଣ କରି ସଂପୃକ୍ତ ବନ୍ଦୀଙ୍କୁ ଜାମିନରେ ମୁକ୍ତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ଦର୍ଶାଯାଇଥିଲା। ଆମିକସ କ୍ୟୁରି ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଧାମିଙ୍କୁ ଭର୍ତ୍ସନା କଲେ ସୁପ୍ରିମକୋର୍ଟ, କହିଲେ- ମୁଖ୍ୟମନ୍ତ୍ରୀ ରାଜା ନୁହନ୍ତି



ନୂଆଦିଲ୍ଲୀ : ଏବେ ଆଉ ରାଜା ଶାସନ ଚାଲିନି। ମୁଖ୍ୟମନ୍ତ୍ରୀ ବି ରାଜା ନୁହନ୍ତି। ଆମେ ପୁରୁଣା ସାମନ୍ତବାଦୀ ବ୍ୟବସ୍ଥା ମଧ୍ୟରେ ନାହୁଁ। ମୁଖ୍ୟମନ୍ତ୍ରୀ ହେଉଛନ୍ତି ଲୋକଙ୍କ ସେବକ। ସେ ରାଜା ପରି ଆଚରଣ କରିବା ଉଚିତ ନୁହେଁ।' ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କୁ ଭର୍ତ୍ସନା କରି ଏପରି କହିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ।

ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ରାଜ୍ୟର ରାଜାଜୀ ବ୍ୟାଘ୍ର ଅଭୟାରଣ୍ୟର ନିର୍ଦ୍ଦେଶକ ପଦରେ ବିବାଦୀୟ ଆଇଏଫଏସ ଅଫିସର ରାହୁଲଙ୍କୁ ବସାଇଥିଲେ। ରାହୁଲଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଚାଲିଥିବା ବେଳେ ତାଙ୍କୁ ଏହି ପଦରେ ବସାଇଥିଲେ ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ଧାମିଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟର ଜଙ୍ଗଲ ମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବ ବି ବିରୋଧ କରିଥିଲେ। ଏପରିକି ବରିଷ୍ଠ ଅଧିକାରୀଙ୍କ ବୈଠକରେ ବି ଏହି ନିଯୁକ୍ତିକୁ ବିରୋଧ କରାଯାଇଥିଲା।

ମାତ୍ର ମୁଖ୍ୟମନ୍ତ୍ରୀ ଧାମି ସମସ୍ତଙ୍କ ଉପଦେଶକୁ ଆଡ଼େଇ ଦେଇ ରାହୁଲଙ୍କୁ ଉକ୍ତ ପଦରେ ବସାଇଥିଲେ। ଏହାକୁ ନେଇ ତୀବ୍ର ବିରୋଧ ହେବାରୁ ଗତ ୩ ତାରିଖରେ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି ରାଜ୍ୟ ସରକାର। ଏହି ମାମଲାର ଶୁଣାଣି ଏବେ ସୁପ୍ରିମକୋର୍ଟରେ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଧାମିଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି ବିଚାରପତି। ଏନେଇ ଶୁଣାଣି କରି ଜଷ୍ଟିସ ବି.ଆର. ଗଭାଇ, ପି.କେ. ମିଶ୍ର ଓ କେ. ଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ମୁଖ୍ୟମନ୍ତ୍ରୀ ଉକ୍ତ ଅଧିକାରୀଙ୍କ ପ୍ରତି ଖୁବ୍ ଅନୁଗ୍ରହ ପ୍ରକାଶ କରିଛନ୍ତି। ନଚେତ ଜଣେ ଅନୁଶାସନହୀନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ତାଙ୍କୁ ଏପରି ଉଚ୍ଚ ପଦରେ ବସାଇବା କୌଣସି ପ୍ରକାରେ ଯୁକ୍ତିଯୁକ୍ତ ନୁହେଁ।

ବେଞ୍ଚ କହିଛନ୍ତି, ଯଦି ଆପଣ ଏକ ପ୍ରସ୍ତାବ ନେଇ ବରିଷ୍ଠ ଅଧିକାରୀ, ଉପସଚିବ, ପ୍ରମୁଖ ସଚିବ, ମନ୍ତ୍ରୀଙ୍କ ସହ ଆପଣଙ୍କ ମତାମତ ମେଳ ଖାଉନି ତେବେ ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ଉଚିତ ଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଏଏନଏସ ଅଧିକାରୀ ନାଦକର୍ଣ୍ଣି ନିଜ ଯୁକ୍ତି ରଖି କହିଥିଲେ, ରାହୁଲ ଜଣେ ଦକ୍ଷ ଅଧିକାରୀ। ମାତ୍ର ତାଙ୍କୁ କିଛି କୁଚକ୍ରୀ ଟାର୍ଗେଟ କରୁଛନ୍ତି। କିନ୍ତୁ ଆମେ ତାଙ୍କ ବଳି ଚଢ଼ାଇ ପାରିବୁନି। ଏହାର ପ୍ରତ୍ୟୁତ୍ତରରେ ବିଚାରପତି ପଚାରିଥିଲେ, ଯଦି ସମ୍ପୃକ୍ତ ଅଧିକାରୀଙ୍କୁ ରାଜ୍ୟ ସରକାର କ୍ଲିନ୍ ଚିଟ୍ ଦେଇଛନ୍ତି ତେବେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ'ଣ ପାଇଁ ଚାଲୁଛି।

# କେଜ୍ରିଓ୍ୱାଲଙ୍କ ଜାମିନ ଆବେଦନ; ଶୁଣାଣି କରି ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି ସୁପ୍ରିମକୋର୍ଟ। ଆଜି ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ସିବିଆଇ ଗିରଫଦାରୀ ବିରୋଧରେ ଆବେଦନ ହୋଇଥିବା ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଆସନ୍ତା ମଙ୍ଗଳବାର ରାୟ ପ୍ରକାଶ ପାଇବ।

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଇଡି ହେଫାଜତରେ ଥିବାବେଳେ କେଜ୍ରିଓ୍ୱାଲଙ୍କୁ ଗିରଫ କରିଥିଲା ସିବିଆଇ। କେଜ୍ରିଓ୍ୱାଲ ସିବିଆଇ ଗିରୋଫଦାରୀକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜି ସର୍ବୋଚ୍ଚ ଅଦାଲତର ଦୁଇ ଜଣିଆ ଖଣ୍ଡପୀଠ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜଳ ଭୂୟାଁ ଏ ଉପରେ ବିଚାର କରିଥିଲେ। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ସିବିଆଇକୁ କହିଥିଲେ ଯେ, ଜେଲରେ ଥିବା ସମୟରେ ଗିରଫ କରିବା ପାଇଁ କୋର୍ଟଙ୍କ ଅନୁମତି ଆବଶ୍ୟକ। ଯଦି କେଜ୍ରିଓ୍ୱାଲଙ୍କୁ ପୁନଶ୍ଚ ଗିରଫ କରିବାର ଥିଲା, ତେବେ କୋର୍ଟରୁ ଅନୁମତି ନେବାର ଥିଲା। ପ୍ରକାଶ ଥାଉକି, ମଦ ନୀତି ଦୁର୍ନୀତି ମାମଲାରେ ଅର୍ଥ ହେରଫେର ଅଭିଯୋଗରେ କେଜ୍ରିଓ୍ୱାଲଙ୍କୁ ଜାମିନ ମିଳି ସାରିଛି। କିନ୍ତୁ ସିବିଆଇ ତାଙ୍କୁ ଗିରଫ କରିଥିବାରୁ ସେ ଜେଲରେ ଅଛନ୍ତି। ଆଜି ସିବିଆଇ ଗିରଫଦାରୀ ବିରୁଦ୍ଧରେ ଶୁଣାଣି ସରିଛି। ଯଦି ମଙ୍ଗଳବାର ପ୍ରକାଶ ପାଇବାକୁ ଥିବା ସୁପ୍ରିମ ରାୟ କେଜ୍ରିଓ୍ୱାଲଙ୍କ ସପକ୍ଷରେ ଯାଏ, ତେବେ ସେ ଜେଲରୁ ମୁକୁଳିବେ। ଏହି ମାମଲାରେ ପୂର୍ବରୁ ମନୀଶ ସିସୋଦିଆ, ବିଜୟ ନାୟର, କେ କବିତା ଏବଂ ସଞ୍ଜୟ ସିଂହଙ୍କୁ ଜାମିନ ମିଳି ସାରିଛି।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର